


## ସଂକ୍ଷେପରେ

### ଭୋଟର ତାଲିକା ସଂଶୋଧନ କାର୍ଯ୍ୟ ତଦାରଖ କଲେ ଉପଜିଲାପାଳ

**ଭଣ୍ଡାରିପୋଖରୀ, ୭।୧୦ (ଡି.ଏନ.ଏ.):** ଭିନ୍ନକ୍ଷମଙ୍କୁ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ପାଇଁ ସବୁ ପଞ୍ଚାୟତ କାର୍ଯ୍ୟାଳୟଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟେକ ପଞ୍ଚାୟତ କାର୍ଯ୍ୟାଳୟରେ ବ୍ଲକ ଲେଭୁଲ ଅଫିସର ରହି ତଦାରଖ କରିଥିଲେ। ଉପଜିଲାପାଳ ସୁଚାରୁ ବଳ, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଶର୍ମିଷ୍ଠା ମଲିକ ବ୍ଲକର ନଗୁଁଆ, ଦକ୍ଷିଣବାଡ ଓ ବୟାଁବନାପୁର ପଞ୍ଚାୟତ କାର୍ଯ୍ୟାଳୟ ବୁଲି ତଦାରଖ କରିଥିଲେ। ସମସ୍ତ ଭିନ୍ନକ୍ଷମଙ୍କୁ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ପାଇଁ ପଞ୍ଚାୟତସ୍ତରରେ ଏଭଳି କାର୍ଯ୍ୟକ୍ରମ ହୋଇଥିଲା। ଏହାଛଡ଼ା ଆସନ୍ତା ୨୦୧୯ ଜାନୁୟାରୀ ୧ ତାରିଖ ସୁଦ୍ଧା ଯେଉଁମାନଙ୍କୁ ୧୮ ବର୍ଷ ହେଉଛି, ସେମାନଙ୍କୁ ନୂତନ ଭାବେ ଭୋଟର ତାଲିକାରେ ସଞ୍ଜୁକ୍ତ କରିବାକୁ ବିଡିଓ ବନମାଳୀ ତରାଇ ନାଆଁମୀ କଲେଜ ଯାଇ ଛାତ୍ରୀଛାତ୍ରଙ୍କୁ ସଚେତନ କରାଇଥିଲେ।

### ୧୯ରେ ଆଦିବାସୀ ପ୍ରତିଭା ଅନ୍ୱେଷଣ

**ବନ୍ତ,୭।୧୦(ଡି.ଏନ.ଏ.):** ଦଶହରା ପର୍ବ ଉପଲକ୍ଷେ ଆସନ୍ତା ୧୯ ତାରିଖରେ ଆଦିବାସୀ ଯୁବତୀ ଯୁବକ ଏବଂ ବୃଦ୍ଧାବୃଦ୍ଧଙ୍କୁ ନେଇ ଆଦିବାସୀ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏଥିରେ ପୁରୁଷଙ୍କ ପାଇଁ ତୀର ଚାଳନା, ମହିଳାଙ୍କ ପାଇଁ କଳସ ଦୌଡ଼ ଏବଂ ଉଭୟ ମହିଳା ଓ ପୁରୁଷଙ୍କ ଲାଗି ହାଣ୍ଡିପିଟା ଓ ଆଦିବାସୀ ପାରମ୍ପରିକ ନୃତ୍ୟଗୀତ ଆଦି ପ୍ରତିଯୋଗିତା ରହିଛି। ପ୍ରତି ବିଭାଗରେ ୧ମ, ୨ୟ ଓ ୩ୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। ଏ ନେଇ ଭଦ୍ରକ ଜିଲା ବନ୍ତ ବ୍ଲକ ନରସିଂହପୁର ଯଜ୍ଞ ମଣ୍ଡପଠାରେ ଆଦିବାସୀ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ଅବିନାଶ ଦାଶ ଏବଂ ସମ୍ପାଦକ ଶରତ ଚନ୍ଦ୍ର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ବୈଠକରେ ନରସିଂହପୁର ଚରମ ନାଥ ବିଶ୍ୱମାନବ ସେବା ସଂସ୍ଥା ପକ୍ଷରୁ ଆୟୋଜିତ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦିଆଯାଇଥିଲା।

### କେରଳକୁ ସହାୟତା ପଠାଇଲେ ଶିକ୍ଷାନୁଷ୍ଠାନ ଛାତ୍ରୀଛାତ୍ର

**ଭଣ୍ଡାରିପୋଖରୀ, ୭।୧୦ (ଡି.ଏନ.ଏ.):** ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ସରସଦା ଆଞ୍ଚଳିକ ସାଧନକେନ୍ଦ୍ର ଅଧୀନ ୯ଟି ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀଶିକ୍ଷକ କେରଳ ବନ୍ୟା ପ୍ରପୀଡ଼ିତ ଅସହାୟ ଗରିବ ପିଲାଙ୍କ ପାଇଁ ସହାୟତାର ହାତ ବଢ଼ାଇଛନ୍ତି। ସଂଯୋଜକ ଗୌରାଙ୍ଗ ଚରଣ ନାଥଙ୍କ ନେତୃତ୍ୱରେ ନେନ୍ତୀପୁର, ନୂଆପୋଖରୀ, ସରସଦା, ପିରିପୁର, ବଡକୋଳିପଦୀ, ତୁଳସୀପୁର ଆଦି ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀଶିକ୍ଷକଙ୍କ ତରଫରୁ ୧୮ ହଜାର ୫ ଶହ ଟଙ୍କାର ଆର୍ଥିକ ସହାୟତା ଚେକ୍ ଜିଲାପାଳ ଜ୍ଞାନରଞ୍ଜନ ଦାସଙ୍କ ଜରିଆରେ ପ୍ରଦାନ କରାଯାଇଛି। ସ୍ଥାନୀୟ ବିଇଓ ଦୀପକ କୁମାର ପାଢୀ, ବିଡିଓ ବନମାଳୀ ତରାଇ, ଶିକ୍ଷାବିତ୍ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଏଭଳି କାର୍ଯ୍ୟକୁ ପ୍ରଶଂସା କରିଛନ୍ତି।

# ନିଖୋଜ ପ୍ରେମୀଯୁଗଳଙ୍କ ମୃତଦେହ ଉଦ୍ଧାର

- ହତ୍ୟା ଅଭିଯୋଗ ଆଣିଲେ ଉଭୟ ପରିବାର
- ଉଚ୍ଚସ୍ତରୀୟ ତଦନ୍ତ ଦାବିରେ ମୃତଦେହକୁ ଅଟକାଇଲେ ଗ୍ରାମବାସୀ
- ଘଟଣାସ୍ଥଳରେ ଉତ୍ତେଜନା
- ସାଇଣ୍ଟିଫିକ୍ ଟିମ୍ ପକ୍ଷରୁ ତଦନ୍ତ ଜାରି

ଭଦ୍ରକ ଅଫିସ/ତିହିଡ଼ି,୭।୧୦ (ଡି.ଏନ.ଏ.)

ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ ଦୋଳସାହି ହାଇସ୍କୁଲ ନିକଟସ୍ଥ ଏକ ଆମ୍ବତୋଟାରୁ ରବିବାର ସକାଳେ ଜଣେ ୧୬ ବର୍ଷର ନାବାଳକ ଓ ୧୪ ବର୍ଷର ନାବାଳିକାଙ୍କ ମୃତଦେହ ପାଖାପାଖି ପଡ଼ିଥିବା ଅବସ୍ଥାରେ ଉଦ୍ଧାର କରାଯାଇଛି। ଏହି ଘଟଣା ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ମୃତ ନାବାଳକ ଗତ ୩ ତାରିଖରୁ ଘର ଛାଡ଼ି କେଉଁଆଡ଼େ ଚାଲିଯାଇଥିବା ଏବଂ ନାବାଳିକାଙ୍କୁ ଗତ ୫ ତାରିଖରେ ଅପହରଣ କରାଯାଇଥିବା ଅଭିଯୋଗ ହୋଇଥିଲା। ଦୋଳସାହି ନିକଟସ୍ଥ ଆମ୍ବତୋଟାରୁ ସେମାନଙ୍କ ଗଳିତ ମୃତଦେହ ଉଦ୍ଧାର ପରେ ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ଉଭୟ ପରିବାର ପରସ୍ପର ବିରୋଧରେ ଥାନାରେ ଅଭିଯୋଗ କରିଛନ୍ତି। ପ୍ରେମସମ୍ପର୍କକୁ ନେଇ ସେମାନଙ୍କୁ ହତ୍ୟା କରାଯାଇଥିବା ଚର୍ଚ୍ଚା ହେଉଛି। ପୋଲିସ ମୃତଦେହ ଉଦ୍ଧାର କରିବାକୁ ଯାଇଥିବା ବେଳେ ଗ୍ରାମବାସୀ ଏହାର ଉଚ୍ଚସ୍ତରୀୟ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଦାବି କରି ଶବକୁ ଛାଡ଼ି ଦେଇ ନ ଥିଲେ। ଏନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ଫଳରେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇବାରେ ୩ ଘଣ୍ଟା ବିଳମ୍ବ ହୋଇଥିଲା। ଏହି ନାବାଳିକା ଓ ନାବାଳକଙ୍କୁ ହତ୍ୟା କରାଯାଇଛି କିମ୍ବା ସେମାନେ ଆତ୍ମହତ୍ୟା କରିଛନ୍ତି, ତାହା ସ୍ପଷ୍ଟ ହୋଇ ନ ଥିବାରୁ ଘଟଣା ରହସ୍ୟାଚ୍ଛନ୍ନ ହୋଇ ରହିଛି। ପୋଲିସ ସାଇଣ୍ଟିଫିକ୍ ଟିମ୍ ନେଇ ତଦନ୍ତ ଆରମ୍ଭ କରି ପ୍ରାଥମିକ ଭାବେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଖୁବ୍‌ଶୀଘ୍ର ଘଟଣାର ରହସ୍ୟ ଫିଟିବ ବୋଲି ପୋଲିସ କହିଛି।



ପ୍ରେମୀଯୁଗଳଙ୍କ ମୃତଦେହ ନିକଟରେ ପୋଲିସ ତଦନ୍ତ କରୁଛି।

ମୃତ ନାବାଳକ ହେଲେ ତିହିଡ଼ି ଥାନା ଦୋଳସାହି ଗ୍ରାମର ସତ୍ୟବାନ ଜେନାଙ୍କ ପୁଅ ଦୀନବନ୍ଧୁ(୧୬)। ମୃତା ନାବାଳିକା ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ କେଦାରପୁର ଜିତାନଗା ଗ୍ରାମର ଦୁଃଖିଶ୍ୟାମ ପ୍ରଧାନଙ୍କ ଝିଅ ସୀତାରାଣୀ(୧୪)। ଦୀନବନ୍ଧୁଙ୍କ ବାପା ସତ୍ୟବାନ ଥାନାରେ କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି ଯେ, ତାଙ୍କ ପୁଅ ଦୀନବନ୍ଧୁ ସୀତାରାଣୀଙ୍କୁ ପ୍ରେମ କରୁଥିଲେ। ଏହାକୁ ନେଇ ସୀତାରାଣୀଙ୍କ ପରିବାର ଲୋକେ ବିଭିନ୍ନ ପ୍ରକାର ଧମକ ଚମକ ଦେଉଥିଲେ। ଗତ ୩ ତାରିଖ ରାତିରେ ଦୀନବନ୍ଧୁ କେଉଁଆଡ଼େ ଚାଲିଯାଇଥିଲେ। ଏ ସମ୍ପର୍କରେ ସେ ସାବରଙ୍ଗ ଫାଣ୍ଡିରେ ଅଭିଯୋଗ କରିଥିଲେ। ଶନିବାର ଫାଣ୍ଡି ଅଧିକାରୀ ତାଙ୍କୁ ଡକାଇ ଘଟଣା ସମ୍ପର୍କରେ ପଚରାଉଚରା କରିଥିଲେ। ଏହାପରେ ରବିବାର ସକାଳେ ତାଙ୍କ ପୁଅ ଓ ସୀତାରାଣୀଙ୍କ ମୃତଦେହ ଆମ୍ବତୋଟାରେ ପଡ଼ିଥିବା ଖବର ପାଇ ସେମାନେ ସ୍ତବ୍ଧ ହୋଇଯାଇଛନ୍ତି। ଷଡ଼ଯନ୍ତ୍ର କରାଯାଇ ତାଙ୍କ ପୁଅକୁ ମାରିଦିଆଯାଇଥିବା ସେ ଦର୍ଶାଇଛନ୍ତି। ଅନ୍ୟପକ୍ଷେ ସୀତାରାଣୀଙ୍କ ବାପା ତିହିଡ଼ି ଥାନାରେ ଏହି ଘଟଣା ନେଇ ପାଲଟା ଅଭିଯୋଗ କରି ତାଙ୍କ ଝିଅକୁ ଅପହରଣ କରି ପରେ ମାରିଦିଆଯାଇଥିବା ଦର୍ଶାଇଛନ୍ତି। ଗତ ୫ ତାରିଖରେ ସୀତାରାଣୀଙ୍କୁ ଅପହରଣ କରି ନିଆଯାଇଥିଲା। ଏ ସମ୍ପର୍କରେ ସେ ଗ୍ରାମାଞ୍ଚଳ ଥାନାକୁ ଯାଇ ଅଭିଯୋଗ କରିଥିଲେ। ତଦନୁଯାୟୀ ପୋଲିସ ଏକ ଅପହରଣ ମାମଲା(ନଂ.୪୮୦/୧୮) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏହି ପରିପ୍ରେକ୍ଷୀରେ ମାମଲା ଉଠାଇବା ପାଇଁ ତାଙ୍କୁ ଧମକ ଚମକ ଦିଆଯାଇଥିଲା। ଏ ସମ୍ପର୍କରେ ଗ୍ରାମାଞ୍ଚଳ ଥାନାରେ ସେ ପୁନର୍ବାର ଅଭିଯୋଗ କରିଥିଲେ ମଧ୍ୟ ପୋଲିସ ଏଥିପ୍ରତି ଗୁରୁତ୍ୱ ଦେଇ ନ ଥିଲା। ରବିବାର ସୀତାରାଣୀଙ୍କ ମୃତଦେହ ମିଳିବା ପରେ ଏହା ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ଦୁଃଖିଶ୍ୟାମ ତିହିଡ଼ି ଥାନାରେ ଅଭିଯୋଗ କରିଛନ୍ତି। ଉଭୟ ପକ୍ଷଙ୍କ ଅଭିଯୋଗ ଅନୁଯାୟୀ ଘଟଣାଟି ସମ୍ବେଦନଶୀଳ ହୋଇପଡ଼ିଥିବାରୁ ପୋଲିସ ବିଭିନ୍ନ ଦିଗକୁ ନେଇ ତଦନ୍ତ ଚଳାଇଛି। ଶବ ଉଦ୍ଧାର ବେଳେ ଏହା ପଚିସଢ଼ି ଯାଇଥିବା ଏବଂ ସେଠାରୁ ଥିମେଟ କୀଟନାଶକ ଗନ୍ଧ ବାହାରୁଥିବାରୁ ପୋଲିସ ଏନେଇ ନାନା ସନ୍ଦେହ ପ୍ରକାଶ କରିଛି। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ସବୁକଥା ସ୍ପଷ୍ଟ ହେବ ଏବଂ ଏ ଦିଗରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ତିହିଡ଼ି ଥାନା ଆଇଆଇସି ପ୍ରଭାଂଶୁ ଶେଖର ମିଶ୍ର କହିଛନ୍ତି।

## 'ଆୟୁଷ୍ମାନ ଭାରତ ଯୋଜନା କାର୍ଯ୍ୟକାରୀ ହେଉ'

**ବାସୁଦେବପୁର, ୭।୧୦ (ଡି.ଏନ.ଏ.):** କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ଯୋଜନା ଆୟୁଷ୍ମାନ ଭାରତ ଓଡ଼ିଶାରେ କାର୍ଯ୍ୟକାରୀ କରାଯିବାକୁ ବାସୁଦେବପୁର ସହରସ୍ଥିତ ଭାଜପା କାର୍ଯ୍ୟାଳୟ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳ ପକ୍ଷରୁ ଦାବି କରାଯାଇଛି। କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଭାରତ ଯୋଜନାକୁ ରାଜ୍ୟ ସରକାର ଅଣଦେଖା କରି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କରି ଓଡ଼ିଶାର ଜନସାଧାରଣଙ୍କୁ ଭୁଆଁ ବୁଲାଇ ଚାଲିଛନ୍ତି ବୋଲି ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦୀନବନ୍ଧୁ ପତି କହିଥିଲେ। ଲୋକଙ୍କ ମଧ୍ୟରେ ଏନେଇ ଜନଜାଗରଣ ସୃଷ୍ଟି ପାଇଁ ଦଳ ପକ୍ଷରୁ ସଚେତନତା ରଥ ନିର୍ବାଚନ ମଣ୍ଡଳୀରେ ବୁଲାଯାଇ ଏବଂ ପଥପ୍ରାନ୍ତ ସଭା ମାଧ୍ୟମରେ ଏ ସମ୍ପର୍କରେ ଅବଗତ କରାଯିବ ବୋଲି ସେ କହିଛନ୍ତି। ଭାଜପା ନଗରମଣ୍ଡଳ ସଭାପତି ପ୍ରଦୀପ ମହାନ୍ତି, ଜୋନ ସଭାପତି ଗିରିଜାଶଙ୍କର ନାୟକ, ସନ୍ତୋଷ ମହାରଣା, ମନୋଜ ରାଉତ, ତୁଷାର ରଥ ପ୍ରମୁଖ ଉପସ୍ଥିତ ଥିଲେ।

## ଧାମନଗରରେ ୧୭ କ୍ଲଷ୍ଟରରେ ସୁରଭି

ଧାମନଗର,୭।୧୦(ଡି.ଏନ.ଏ.)

ଗ୍ରାମାଞ୍ଚଳର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଲୁକ୍କାୟିତ ପ୍ରତିଭାକୁ ଲୋକ ଲୋଚନକୁ ଆଣିବାରେ ସୁରଭି ଏକ ବଳିଷ୍ଠ ମାଧ୍ୟମରେ ପରିଣତ ହୋଇଛି ବୋଲି ଭଦ୍ରକ ଜିଲା ଧାମନଗର ବ୍ଲକର ବିଭିନ୍ନ କ୍ଲଷ୍ଟରରେ ଆୟୋଜିତ କାର୍ଯ୍ୟକ୍ରମରେ ମତପ୍ରକାଶ ପାଇଛି। ଏହି ବ୍ଲକରେ ଥିବା ମୋଟ ୧୭ଟି କ୍ଲଷ୍ଟରରେ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଧୂଷୁରୀ କ୍ଲଷ୍ଟରରେ ସିଆର୍‌ସିସି ସତ୍ୟବ୍ରତ ରାଉତଙ୍କ ସଂଯୋଜନାରେ ସୂର୍ଯ୍ୟପୁର ନୋଡାଲ ବିଦ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଅକ୍ଷୟ କୁମାର ହୋତା ଅଧ୍ୟକ୍ଷତା କରିଥିଲେ। ୧୫ ବିଦ୍ୟାଳୟର ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଥିଲେ। ମୁଖ୍ୟଅତିଥି ଭାବେ ଏବିଇଓ କମଳାକାନ୍ତ ନାୟକ ଯୋଗଦେଇଥିଲେ। ଏହି ଅବସରରେ ଅବସରପ୍ରାପ୍ତ ଶିକ୍ଷକ ଅଭିମନ୍ୟୁ ମଲ୍ଲିକଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ପଙ୍ଗଟା ନୋଡାଲ ବିଦ୍ୟାଳୟରେ ସିଆର୍‌ସିସି ରୂପକ ମିଶ୍ର ସଂଯୋଜନା କରିଥିଲେ। ମୁଖ୍ୟଅତିଥି ଭାବେ ଜଗନ୍ନାଥ ମଲ୍ଲିକ ଯୋଗଦେଇଥିଲେ। ୧୧ ବିଦ୍ୟାଳୟରୁ ପ୍ରତିଯୋଗୀ ଭାଗ ନେଇଥିଲେ। ଇନ୍ଦ୍ରଗୋବିନ୍ଦ ନୋଡାଲ ସ୍କୁଲରେ ପ୍ରଶାନ୍ତ କୁମାର ବେହେରା ସଂଯୋଜନା କରିଥିବାବେଳେ ପ୍ରଧାନଶିକ୍ଷକ ବିନୋଦ ବିହାରୀ ଖଟୁଆ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଏବିଇଓ ଶ୍ରୀଚରଣ ମଲ୍ଲିକ, ଦଇପୁର ସରପଞ୍ଚ ରାଜୀବ ଲୋଚନ ଦାସ ଯୋଗଦେଇଥିଲେ। ଖଡ଼ିପଦା କେନ୍ଦ୍ର ତରଫରୁ ଜଗନ୍ନାଥ ନୋଡାଲ ବିଦ୍ୟାଳୟରେ ସିଆର୍‌ସିସି ଭରତ ତରାଇ ଏବଂ ଦୋବଲ କେନ୍ଦ୍ର ତରଫରୁ ସୋଧ ପ୍ରାଥମିକ ବିଦ୍ୟାଳୟରେ ମହମ୍ମଦ ହବିବୁଲ କରିମଙ୍କ ସଂଯୋଜନାରେ ସୁରଭି କାର୍ଯ୍ୟକ୍ରମ ହୋଇଥିଲା। ସେହିପରି ଧାମନଗର କେନ୍ଦ୍ର ତରଫରୁ ଭଗବାନପୁର ନୋଡାଲ ସ୍କୁଲରେ ସୁରେନ୍ଦ୍ର ସେଠୀ ଏବଂ ଅସୁରାଳୀ ଦେଶବନ୍ଧୁ କେନ୍ଦ୍ର ତରଫରୁ ନିରାକାର ରାଉତଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ହୋଇଥିଲା। କ୍ଲଷ୍ଟରସ୍ତରରୁ ପ୍ରତିଯୋଗୀ ଚୟନ କରାଯାଇ ବ୍ଲକସ୍ତର ଲାଗି ମନୋନୀତ କରାଯାଇଛି।

# ଦୂରଦୃଷ୍ଟି ଅଭାବ ସାଙ୍ଗକୁ ଅବହେଳା

**ତୀର୍ଥଯାତ୍ରୀ ବସ୍ ଦୁର୍ଘଟଣା**

- ଦୁର୍ଘଟଣାଗ୍ରସ୍ତ ବାଉଁଶ ବୋଝେଇ ଟ୍ରକକୁ ରାସ୍ତାରେ ଛାଡ଼ି ଦିଆଯାଇଥିଲା
- ନ ଥିଲା ଷ୍ଟପ ବୋର୍ଡ କିମ୍ବା ସତର୍କ ସୂଚନା
- ପୋଲିସ ଓ ପ୍ରଶାସନିକ ଅବହେଳାକୁ ସମାଲୋଚନା

ଭଦ୍ରକ ଅଫିସ,୭।୧୦

ଭଦ୍ରକ ସହର ଦେଇ ଯାଇଥିବା ୧୬ ନମ୍ବର ଜାତୀୟ ରାଜପଥ ଦିନକୁ ଦିନ ଦୁର୍ଘଟଣାପ୍ରବଣ ହେବାରେ ଲାଗିଛି। ସଡ଼କ ସୁରକ୍ଷା ସ୍ଲୋଗାନ ଦେଉଥିବା ପ୍ରଶାସନ ସମେତ ପୋଲିସ ଓ ଆର୍‌ଟିଓ କର୍ତ୍ତୃପକ୍ଷଙ୍କ ଦୂରଦୃଷ୍ଟି ଅଭାବ ଓ ଅବହେଳା କାରଣରୁ ବିଭିନ୍ନ ସମୟରେ ମର୍ମନ୍ତୁଦ ସଡ଼କ ଦୁଘଟଣା ଘଟି ଧନଜୀବନ ନଷ୍ଟ ହେଉଛି। ଶନିବାର ବିଳମ୍ବିତ ରାତି ପ୍ରାୟ ୨ଟାରେ ଚରମ୍ପା ଲକ୍ଷ୍ମୀନାରାୟଣ ମନ୍ଦିର ନିକଟସ୍ଥ ଜାତୀୟ ରାଜପଥରେ ଏକ ବାଉଁଶ ବୋଝେଇ ଟ୍ରକ ପଛରେ ପିଟିହୋଇ ୟୁପିରୁ ଆସିଥିବା ତୀର୍ଥଯାତ୍ରୀ ବସ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ଏଥିରେ ୨ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୨୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଛନ୍ତି। ଏଭଳି ସଡ଼କ ଦୁର୍ଘଟଣା ସୁରକ୍ଷା ବ୍ୟବସ୍ଥା ଓ ଦାୟିତ୍ୱରେ ଥିବା ବିଭାଗୀୟ କର୍ମଚାରୀ ଓ ପୋଲିସର କାର୍ଯ୍ୟ ପ୍ରତି ନାନା ପ୍ରଶ୍ନବାଚୀ ସୃଷ୍ଟି କରିଛି।

ସ୍ଥାନୀୟ ଲୋକଙ୍କ ସୂଚନା ଅନୁଯାୟୀ ଶନିବାର ସନ୍ଧ୍ୟା ୫ ଟା ବେଳେ ଭଦ୍ରକ ସହର ଉପକଣ୍ଠ ଚରମ୍ପା ନିକଟସ୍ଥ ଜାତୀୟ ରାଜପଥ କଡ଼ରେ ଏକ ବାଉଁଶ ବୋଝେଇ ଟ୍ରକ ଖାଲକୁ ଖସିଯାଇଥିଲା। ଏହାକୁ ପରେ ଏକ କ୍ରେନ୍ ଯୋଗେ ଉଠାଯାଇ ମୁଖ୍ୟରାସ୍ତା ଉପରକୁ ଅଣାଯାଇଥିଲା। ଟ୍ରକର ପଛ ଚକ ପମ୍ପଚର ହୋଇଯିବାରୁ ରାତି ୮ଟା ପରେ ଏହାକୁ ଏନଏଚର ମୁଖ୍ୟରାସ୍ତା ଉପରେ ସେଭଳି ଛାଡ଼ି ଦିଆଯାଇଥିଲା। ଚରମ୍ପା ଫାଣ୍ଡି ପୋଲିସ, ପିସିଆର ଭ୍ୟାନ ଓ ଭଦ୍ରକ ଆରଟିଓ କର୍ମଚାରୀ ଟ୍ରକ ନିକଟକୁ ଏକାଧିକବାର ଆସି ଆଲୋଚନା କରିଥିଲେ ମଧ୍ୟ ସେଠାରେ ସଡ଼କ ସୁରକ୍ଷା ପାଇଁ ଆବଶ୍ୟକ ପଦକ୍ଷେପ ନିଆଯାଇ ନ ଥିଲା। ଷ୍ଟପ ବୋର୍ଡ, ବ୍ରେକ ଡାଉନ ବ୍ଲିଙ୍କିଂ ସାଇନେଜ୍ ସୂଚନା ଦିଆ ଯାଇ ନ ଥିଲା। ଦାୟିତ୍ୱରେ ଥିବା କର୍ମଚାରୀ ନିଜେ ସୁରକ୍ଷା ବ୍ୟବସ୍ଥା କଲେ ନାହିଁ କିମ୍ବା ବାଉଁଶ ବୋଝେଇ ଟ୍ରକ କର୍ମକର୍ତ୍ତାଙ୍କୁ ନିର୍ଦ୍ଦେଶ ଦେଲେନାହିଁ। ଫଳରେ ବିଳମ୍ବିତ ରାତିରେ ସେଠାରେ ତୀର୍ଥଯାତ୍ରୀ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଥିବା କୁହାଯାଉଛି। ବରିଷ୍ଠ ଆଇନଜୀବୀ ପବନ ଶର୍ମା, ରାମ ଗୁପ୍ତା, ଅଜୟ ମିଶ୍ର, ରାଜୁ ବାଇତି, ପିତାମ୍ବର ବାରିକ ପ୍ରମୁଖ ଏନେଇ ପ୍ରଶାସନିକ ଅବହେଳାକୁ ଦାୟୀ କରି ପ୍ରତିକ୍ରିୟା ରଖିଛନ୍ତି।





ଜିଲା ଚିକିତ୍ସାଳୟରେ ଦୁର୍ଘଟଣାରେ ଆହତ ମହିଳା ଯାତ୍ରୀ। ଦୁର୍ଘଟଣା ପରେ ପ୍ରଶାସନ ରାସ୍ତାରେ ରଖିଲା ଷ୍ଟପ୍ ବୋର୍ଡ।

### ଯାହାକୁ ରଖିବେ ଅନନ୍ତ...

ଦୁର୍ଘଟଣାଗ୍ରସ୍ତ ତୀର୍ଥଯାତ୍ରୀ ବସ୍‌ର ଡ୍ରାଇଭରଙ୍କ ପଛ ପାଖରେ ବସିଥିବା ଶିବ ନାରାୟଣଙ୍କର ମୃତ୍ୟୁ ଘଟିଥିବାବେଳେ ତାଙ୍କ ନିକଟରେ ବସିଥିବା କୁମାରୀ ଲକ୍ଷ୍ମୀ ନାମ୍ନୀ ଜଣେ ୮୦ ବର୍ଷର ବୃଦ୍ଧା ଅଳ୍ପକେ ବର୍ତ୍ତି ଯାଇଛନ୍ତି। ବସ୍‌ଟି ଟ୍ରକ ପଛରେ ପିଟି ହୋଇଯିବା ବେଳେ ସେଥିରେ ବୋଝେଇ ହୋଇଥିବା ବାଉଁଶ ଡ୍ରାଇଭର ଓ ଶିବ ନାରାୟଣଙ୍କ ଦେହରେ ଗଳିଯାଇଥିଲା। ହେଲେ ସେହି ବାଉଁଶ ଫାଙ୍କରେ ବୃଦ୍ଧା ଲକ୍ଷ୍ମୀ ରହିଯାଇ ମୃତ୍ୟୁମୁଖରୁ ବର୍ତ୍ତିଯାଇଥିଲେ। ତାଙ୍କୁ ଉଦ୍ଧାର କରି ସ୍ଥାନୀୟ ଲକ୍ଷ୍ମୀନାରାୟଣ ମନ୍ଦିର ନିକଟକୁ ନିଆଯିବାବେଳେ ସେ ଉପରକୁ ହାତ ଉଠାଇ ଭଗବାନଙ୍କୁ ମୁଣ୍ଡିଆ ମାରିବା ଦେଖାଯାଇଥିଲା। ପରେ ଏହି ବୃଦ୍ଧା ପୁରୀରେ ଶ୍ରୀଜଗନ୍ନାଥଙ୍କ ଦର୍ଶନ ଅଧୁରା ରଖି ଭଦ୍ରକରୁ ଲକ୍ଷ୍ନୌ ଫେରିଯାଇଛନ୍ତି।

### ବସ୍‌ରେ ଥିଲେ ୭୭ ଯାତ୍ରୀ

ଦୁର୍ଘଟଣାଗ୍ରସ୍ତ ତୀର୍ଥଯାତ୍ରୀ ବସ୍‌ରୁ ଉଦ୍ଧାର ଡ୍ରାଇଭର ଓ ଅନ୍ୟ ଜଣେ ଯାତ୍ରୀଙ୍କ ମୃତଦେହକୁ ବ୍ୟବଚ୍ଛେଦ କରାଯାଇ ଚିକିତ୍ସାଳୟ ଶବାଗାରରେ ରଖାଯାଇଛି। ପୋଲିସ ଦୁଇ ମୃତକଙ୍କ ପଞ୍ଚନାମା କରି ବ୍ୟବଚ୍ଛେଦ କରାଇଥିଲେ ମଧ୍ୟ ଉତ୍ତରପ୍ରଦେଶରୁ ପରିବାର ଲୋକେ ଆସି ପହଞ୍ଚି ନ ଥିବାରୁ କାହାକୁ ମୃତଦେହ ହସ୍ତାନ୍ତର କରାଯାଇ ନାହିଁ। ଦୁଇ ମୃତକଙ୍କ ପରିବାର ପାଇଁ ରେଡକ୍ରସ ତରଫରୁ ୧୦ ହଜାର ଲେଖାଏ ୨୦ ହଜାର ଟଙ୍କା ବ୍ୟବସ୍ଥା କରାଯାଇଥିବା ଭଦ୍ରକ ତହସିଲଦାର ପ୍ରଦୀପ ସାହୁ ସୂଚନା ଦେଇଛନ୍ତି। ବସରେ ମୋଟ ୭୭ ଜଣ ଯାତ୍ରୀ ଥିଲେ ବୋଲି ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଚିକିତ୍ସାଧୀନ ଥିବା ଆହତ ଯାତ୍ରୀ, ପୁରୀ ଓ ୟୁପି ଫେରିଥିବା କେତେକ ଯାତ୍ରୀଙ୍କୁ ବାଦ୍ ଦେଇ ବର୍ତ୍ତମାନ ୩୫ ଜଣ ଚରମ୍ପା ଲକ୍ଷ୍ମୀନାରାୟଣ ମନ୍ଦିର ପରିସରରେ ରହିଥିବା ସୂଚନା ମିଳିଛି।

## ଗରିବୀ ପରିସଂଖ୍ୟାନ ନେଇ ଦ୍ୱନ୍ଦ୍ୱ

ବନ୍ତ, ୭।୧୦(ସ୍ୱ.ପ୍ର.)

ବନ୍ତ ବ୍ଲକରେ ପୂର୍ବରୁ କେନ୍ଦ୍ରୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ୨୪ ହଜାର ୩୭୯ ପରିବାର ସାମିଲ ଥିବାବେଳେ ରାଜ୍ୟ ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାରେ ଏବେ ୯ ହଜାର ୮୩୭ ହିତାଧିକାରୀଙ୍କୁ ସାମିଲ କରାଯାଇଛି। ରାଜ୍ୟରେ ଗରିବୀ କମୁଥିବା ସରକାର କହୁଥିବାବେଳେ ବାସ୍ତବ ହିତାଧିକାରୀଙ୍କ ପରିସଂଖ୍ୟାନ ଭିନ୍ନ ତଥ୍ୟ ପ୍ରଦାନ କରୁଛି। ୨୦୦୧ ଜନଗଣନା ଅନୁଯାୟୀ ବ୍ଲକର ଦାରିଦ୍ର୍ୟ ସୀମାରେଖା ତଳେ ଥିବା ୪୬% ପରିବାରଙ୍କୁ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ କରାଯାଇଥିଲା। ୨୦୧୧ ଜନଗଣନାରେ ବ୍ଲକରେ ଜନସଂଖ୍ୟା ୧ ଲକ୍ଷ ୫୨ ହଜାର ୬୩କୁ ବୃଦ୍ଧି ପାଇଥିଲା। ପରେ ଅଧିକ ହିତାଧିକାରୀ ସାମିଲ ହେବାରୁ ମୋଟ ପ୍ରତିଶତ ୭୭ ଛୁଇଁଥିଲା। ଏହାସତ୍ତ୍ୱେ ଅନେକ ହିତାଧିକାରୀ ତାଲିକାରୁ ବାଦ୍ ପଡ଼ିଥିବା ଅଭିଯୋଗ ଆସିଥିଲା। ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ହେବା ପରେ ବ୍ଲକର ୨୫ ମଧ୍ୟରୁ ୩ ପଞ୍ଚାୟତରେ ପ୍ରାୟ ୯୦% ପରିବାର ତାଲିକାଭୁକ୍ତ ହୋଇଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି। ଫଳରେ ଗରିବୀ ପରିସଂଖ୍ୟାନ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବିଡିଓ ରେବିକା ବିଲୁଙ୍ଗ ଏବଂ ବ୍ଲକ ଯୋଗାଣ ଅଧିକାରୀ ସୁଶାନ୍ତ କୁମାର ସାହୁ କୁହନ୍ତି, ଏବେ ରାଜ୍ୟ ଯୋଜନା ନିୟମ ଅନୁସାରେ ହିତାଧିକାରୀ ଚୟନ କରାଯାଇଛି।

## ସଂକ୍ଷେପରେ

### ୨ ମୋରମ ବୋଝେଇ ଡମ୍ଫର ଜବତ

ରୂପ୍‌ସା, ୭।୧୦(ଡି.ଏନ.ଏ.): ବାଲେଶ୍ୱର ସଦର ବ୍ଲକ ରୂପ୍‌ସା ପାଟପୁର ବଜାର ବସ୍‌ଷ୍ଟାଣ୍ଡ ରାସ୍ତାରୁ ଶନିବାର ରାତିରେ ୨ଟି ବେଆଇନ ମୋରମ ବୋଝେଇ ଡମ୍ଫର ଜବତ ହୋଇଛି। ଗଡ଼ପଦା ପଞ୍ଚାୟତ ଲଛମନଖୁଣ୍ଟା ଅଞ୍ଚଳରୁ ମୋରମ ବୋଝେଇ କରି ଡମ୍ଫରଗୁଡ଼ିକ ବାଲେଶ୍ୱର ଅଭିମୁଖେ ଯାଉଥିଲା। ସ୍ଥାନୀୟ ଲୋକଙ୍କଠାରୁ ଅଭିଯୋଗ ପାଇ ଥାନାଧିକାରୀ ସୁଚନ୍ଦ୍ର ମହାଳିକ ସଦଳବଳେ ଚଢ଼ାଉ କରି ୨ଟି ଡମ୍ଫର (ନଂ. ଓଡ଼ି୦୧ଡ଼ି-୮୮୩୦ ଓ ଓଆର୍‌୦୧ଆଇ୧୧୩୪)କୁ ଜବତ କରି ଥାନାକୁ ନେଇଯାଇଥିଲେ। ଜବତ ଡମ୍ଫରକୁ ସୋମବାର ବସ୍ତା ତହସିଲଦାରଙ୍କୁ ଜିମା ଦେବା ପରେ ଜରିମାନା ଆଦାୟ ହେବ ବୋଲି କୁହାଯାଇଛି।

### ନଦୀତଟରୁ ଅଜଗର ଉଦ୍ଧାର



ଜଳେଶ୍ୱର, ୭।୧୦(ଡି.ଏନ.ଏ.): ଜଳେଶ୍ୱର ବ୍ଲକ ରାଇବଣିଆ ଥାନା ମାକିଡ଼ିଆ ପଞ୍ଚାୟତ କୁଅଁରପୁର ଗ୍ରାମର ସୁବର୍ଣ୍ଣରେଖା ନଦୀତଟରୁ ରବିବାର ଏକ ଅଜଗରକୁ ସ୍ଥାନୀୟ ଗ୍ରାମବାସୀ ଉଦ୍ଧାର କରି ବନ ବିଭାଗକୁ ହସ୍ତାନ୍ତର କରିଛନ୍ତି। ରାଇବଣିଆ ଥାନାଧିକାରୀ ରବୀନ୍ଦ୍ର ନାଥ ବେହେରା ଓ ବନବିଭାଗ ଜଳେଶ୍ୱର ରେଞ୍ଜ ଅଧୀନ ରାଇବଣିଆ ବିଟ୍‌ର ଫରେଷ୍ଟଗାର୍ଡ଼ ମିନତୀ ମାଝି ନଦୀତଟ ପହଞ୍ଚି ଉକ୍ତ ଅଜଗରକୁ ନେଇଯାଇଥିଲେ। ଉକ୍ତ ଅଜଗରକୁ କୁଲଡିହା ଜଙ୍ଗଲରେ ଛଡ଼ାଯିବ ବୋଲି ବନବିଭାଗର ଅଧିକାରୀ ସୂଚନା ଦେଇଛନ୍ତି।

### ପ୍ରେମୀଯୁଗଳ ଉଦ୍ଧାର

ସଜନାଗଡ଼,୭।୧୦(ଡି.ଏନ.ଏ.): ନୀଳଗିରି ଡାକ୍ତରଖାନା ପରିସରରେ ରବିବାର ଏକ ଅଭାବନୀୟ ଘଟଣା ଘଟିଛି। ଅପରାହ୍ଣ ୫ଟା ବେଳେ ଡାକ୍ତରଖାନାର ପୁରୁଷ ୱାର୍ଡ଼ରେ ଥିବା ଶୌଚାଳୟ ଭିତରୁ ପ୍ରେମୀଯୁଗଳଙ୍କୁ ଉଦ୍ଧାର କରାଯାଇଛି। ନୀଳଗିରି ପୋଲିସ ପହଞ୍ଚି ପ୍ରେମୀଯୁଗଳଙ୍କୁ ନୀଳଗିରି ଥାନାକୁ ନେଇଯାଇଛି।

### ଜଳେଶ୍ୱରରେ କଂଗ୍ରେସର ଜନଜାଗରଣ ସଭା

ଜଳେଶ୍ୱର, ୭।୧୦(ଡି.ଏନ.ଏ.): ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଓଡ଼ିଶାକୁ ଅବହେଳା ପ୍ରଦର୍ଶନ କରୁଥିବାରୁ ଓଡ଼ିଶା ଏବେ ଦେଶର ଗରିବ ରାଜ୍ୟ ଭାବେ ଚିହ୍ନଟ ହୋଇଛି। ରାଜ୍ୟ ସରକାର ଋଣଭାରରେ ବୁଡି ରହିଛନ୍ତି। କଂଗ୍ରେସ ଦଳକୁ ପୂର୍ବଭଳି ବିଶ୍ୱାସକୁ ନେଇ ସମର୍ଥନ କଲେ ରାଜ୍ୟରେ ଏକ ପ୍ରଗତିଶୀଳ ସରକାର ଗଠନ ହୋଇପାରିବ ବୋଲି ଶନିବାର ଜଳେଶ୍ୱର ସହର ହାଟପଡ଼ିଆଠାରେ କଂଗ୍ରେସ ଦଳ ପକ୍ଷରୁ ଅନୁଷ୍ଠିତ ଜନ ଜାଗରଣ ସଭାରେ କଂଗ୍ରେସ ନେତୃବୃନ୍ଦ ମତବ୍ୟକ୍ତ କରିଥିଲେ। ବାଲେଶ୍ୱର ଜିଲା କଂଗ୍ରେସ କମିଟି ସଭାପତି ଶରତ ରାଉଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, କାର୍ଯ୍ୟକାରୀ ସଭାପତି ତଥା ବିଧାନ ସଭାରେ ବିରୋଧୀ ଦଳର ଉପନେତା ଚିରଞ୍ଜୀବ ବିଶ୍ୱାଳ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ଏଆଇସିସି ସମ୍ପାଦକ ରୁଦ୍ର ରାଜୁ, ପିସିସି ଉପସଭାପତି ଦେବାଶିଷ ପଟ୍ଟନାୟକ, ସାଧାରଣ ସମ୍ପାଦକ ସଞ୍ଜୀବ ଗିରି, ମହିଳା ସଭାନେତ୍ରୀ ସୁମିତ୍ରା ଜେନା, ପୂର୍ବତନ ବିଧାୟକ ଦେବୀପ୍ରସନ୍ନ ଚାନ୍ଦ ପ୍ରମୁଖ ନେତୃବୃନ୍ଦ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନବିରୋଧୀ ନୀତି ବିରୋଧରେ ବିକ୍ଷୋଦଗାର କରିଥିଲେ। ଶେଷରେ ଜିଲା କଂଗ୍ରେସ କମିଟି କାର୍ଯ୍ୟକାରୀ ସଭାପତି ତପନ ଦାସ ଧନ୍ୟବାଦ ଦେଇଥିଲେ। ଯୁବନେତା ମଧୁସୂଦନ ଦାସ, ପୂର୍ବତନ ନଗରପାଳ ସୁନୀଲ ପରିଡ଼ା, ସୁଧୀର ମହାନ୍ତି, ସୁଦର୍ଶନ ଦାସ, ସତ୍ୟସୁନ୍ଦର ଦାସ, ସବ୍ୟସାଚୀ ଦାସ, ଗିରିଜାଶଙ୍କର ଦାସ, ସେକ୍ ଫରିଦ୍ ଅହମ୍ମଦ, ଟାଉନ୍ ସଭାପତି ରିୟାଜ ଖାନ, କୁଞ୍ଜବିହାରୀ ଦାସ ପ୍ରମୁଖ ପରିଚାଳନା କରିଥିଲେ।



ବାଲେଶ୍ୱର ସଦର ବ୍ଲକ ରୂପ୍‌ସା ମହାପାତ୍ର ନୋଡ଼ାଲ ହାଇସ୍କୁଲରେ ରବିବାର ଆୟୋଜିତ ଧରିତ୍ରୀ ଚିତ୍ରାଙ୍କନ ପ୍ରତିଯୋଗିତାରେ ଭାଗନେଇଥିବା ପ୍ରତିଯୋଗୀ ଓ ଅତିଥିମାନେ।

# ପ୍ଲାଷ୍ଟିକମୁକ୍ତ ପରିବେଶ ପାଇଁ ଚିତ୍ରରେ ବାର୍ତ୍ତା

ରୂପ୍‌ସା, ୭।୧୦(ଡି.ଏନ.ଏ.)

- ଧରିତ୍ରୀ ଚିତ୍ରାଙ୍କନ ପ୍ରତିଯୋଗିତା
- ଭାଗ ନେଲେ ୪୦ ଛାତ୍ରୀଛାତ୍ର
- ଦେବପ୍ରସାଦ ୧ମ, ହରପ୍ରିୟା ୨ୟ, ପୃଥ୍ୱୀରାଜ ୩ୟ

ପ୍ଲାଷ୍ଟିକ ମୁକ୍ତ ପରିବେଶ ଗଠନ ପାଇଁ ସବୁସ୍ତରରେ ପ୍ରୟାସ ଜରୁରୀ। ଛାତ୍ରୀଛାତ୍ର ସଚେତନ ହୋଇ ପ୍ରଥମେ ନିଜ ପରିବାରକୁ ପ୍ଲାଷ୍ଟିକଠାରୁ ଦୂରେଇ ରଖିବାରେ ସଫଳ ହେଲେ ସଭିଙ୍କ ମାନସିକତାର ପରିବର୍ତ୍ତନ ଆସିପାରିବ। ବାଲେଶ୍ୱର ଜିଲା ସଦର ବ୍ଲକ ଅନ୍ତର୍ଗତ ରୂପ୍‌ସା ମହାପାତ୍ର ନୋଡ଼ାଲ ହାଇସ୍କୁଲରେ ରବିବାର ଅନୁଷ୍ଠିତ ଧରିତ୍ରୀ ଚିତ୍ରାଙ୍କନ ପ୍ରତିଯୋଗିତାରେ ଯୋଗଦେଇଥିବା ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

ବ୍ଲକର ୧୮ଟି ବିଦ୍ୟାଳୟର ୪୦ ଛାତ୍ରୀଛାତ୍ର ପ୍ରତିଯୋଗିତାରେ ଭାଗ ନେଇଥିଲେ। ସେମାନେ ପ୍ଲାଷ୍ଟିକ ମୁକ୍ତ ପରିବେଶ ଗଠନ ପାଇଁ ବାର୍ତ୍ତା ଦେଇ ଏହାକୁ ଚିତ୍ରରେ ରୂପ ଦେଇଥିଲେ। ମୁଖ୍ୟଅତିଥି ଏବିଇଓ ଜୟନ୍ତ କୁମାର ପାଣିଗ୍ରାହୀ ଉତ୍ସବକୁ ଉଦ୍‌ଘାଟନ କରି ପରିବେଶ ପ୍ରତି ପ୍ଲାଷ୍ଟିକ ବ୍ୟବହାର ଅତ୍ୟଧିକ ବିପଦ ସୃଷ୍ଟି କରୁଥିବାରୁ ଏହାକୁ ରୋକିବା ପାଇଁ ସମସ୍ତେ ଯତ୍ନବାନ ହୁଅନ୍ତୁ ବୋଲି କହିଥିଲେ। ସମ୍ମାନନୀୟ ଅତିଥି ଭାବେ ଅବସରପ୍ରାପ୍ତ ଜେଟିଓ ସୁଧାକର ଗିରି, ପ୍ରାକ୍ତନ ପାରାମିଲିଟାରୀ ସୈନିକ ଭିକାରୀ ଚରଣ ମିସ୍ତ୍ରି ଓ ସିଆରସିସି ମାୟାଧର ବେହେରା ଯୋଗଦେଇ କହିଥିଲେ, ଚିତ୍ରକଳା ଭଳି ସୃଜନଶୀଳ କଳା ମାଧ୍ୟମରେ ସଚେତନତା ସୃଷ୍ଟି କରାଗଲେ ସୁସ୍ଥ ପରିବେଶ ଗଠନ ସମ୍ଭବ। ପ୍ଲାଷ୍ଟିକମୁକ୍ତ ପରିବେଶ ପାଇଁ ଧରିତ୍ରୀର ପ୍ରୟାସ ପ୍ରଶଂସନୀୟ। ଆଗାମୀ ଦିନରେ ଏହା ନୂଆ ସମ୍ଭାବନା ସୃଷ୍ଟି କରିବ ବୋଲି ସେମାନେ କହିଥିଲେ। ରଙ୍ଗ ଓ ତୂଳୀରେ ଆକର୍ଷଣୀୟ ବାର୍ତ୍ତା ଦେଇ ପ୍ରତିଯୋଗିତାରେ ରୂପ୍‌ସା ବୀଣାପାଣି ଶିଶୁମନ୍ଦିର ଛାତ୍ର ଦେବପ୍ରସାଦ ଗିରି ୧ମ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀ ହରପ୍ରିୟା ବେହେରା ୨ୟ ଓ ମହାପାତ୍ର ନୋଡ଼ାଲ ହାଇସ୍କୁଲ ଛାତ୍ର ପୃଥ୍ୱୀରାଜ ସେଠୀ ୩ୟ ସ୍ଥାନ ଅଧିକାର କରିଥିଲେ। ବିଚାରକ ଭାବେ ଆର୍ଟ ଶିକ୍ଷୟିତ୍ରୀ ନୀଳିମା ଦାସ ଓ ଚିତ୍ରଶିଳ୍ପୀ କିଶୋର ଚନ୍ଦ୍ର ଦାସ ଯୋଗଦେଇ ମୂଲ୍ୟାୟନ କରିଥିଲେ। ଧରିତ୍ରୀର ଜିଲା ପ୍ରତିନିଧି ମାନସ ବିଶ୍ୱାଳ ଉତ୍ସବରେ ପୌରୋହିତ୍ୟ କରିଥିଲେ। ରୂପ୍‌ସା ପ୍ରତିନିଧି ବାଞ୍ଛାନିଧି ଦେ ଅତିଥି ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ 'ଆମେ ଶପଥ ନେବା ଓ ଘରେ ମା'ବାପାଙ୍କୁ କହିବା ପ୍ଲାଷ୍ଟିକଠାରୁ ଦୂରେଇ ରହିବା' ବୋଲି ସମସ୍ତେ ଶପଥ ନେଇଥିଲେ। ମହାପାତ୍ର ନୋଡ଼ାଲ ହାଇସ୍କୁଲର ଛାତ୍ରୀ ସମୀକ୍ଷା ପରିଡ଼ା, ଶିବାନୀ ବେହେରା, ନିହାରିକା ବର ଓ ଲକ୍ଷ୍ମୀପ୍ରିୟା ପରିଡ଼ା ଆବାହନୀ ନୃତ୍ୟ ପରିବେଷଣ କରିଥିଲେ। ସମସ୍ତ ପ୍ରତିଯୋଗୀଙ୍କୁ ଅତିଥିମାନେ ମାନପତ୍ର ଓ ପୁରସ୍କାର ବିତରଣ କରିଥିଲେ। ସ୍ୱେଚ୍ଛାସେବୀ ସହଦେବ ବେହେରା, ହରେକୃଷ୍ଣ ଦାସ, ସଞ୍ଜୟ କୁମାର ପରିଡ଼ା, ଜ୍ୟୋତିପ୍ରକାଶ ବେହେରା, ସଦାଶିବ ନାୟକ ଓ ଶିକ୍ଷାବିତ୍ ବିଜୟ କୁମାର ରଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସଙ୍ଗୀତ ଗୁରୁ ତରଣୀ ରଞ୍ଜନଙ୍କ ପରଲୋକ

ରେମୁଣା, ୭।୧୦(ଡି.ଏନ.ଏ.)



ତରଣୀ ରଞ୍ଜନ ଜେନା

ସଙ୍ଗୀତ ଗୁରୁ ତରଣୀ ରଞ୍ଜନ ଜେନା(୬୫)ଙ୍କ ରବିବାର ଅପରାହ୍ଣରେ ପରଲୋକ ହୋଇଯାଇଛି। ସେ ଆକାଶବାଣୀ ଓ ଦୂରଦର୍ଶନ କଣ୍ଠଶିଳ୍ପୀ ସହିତ ଦିଲ୍ଲୀ ପବ୍ଲିକ ସ୍କୁଲରେ ସଂଗୀତ ଶିକ୍ଷକ ଭାବେ କାମ କରିଥିଲେ। ଗତ କିଛି ଦିନ ଧରି ସେ ରାଉରକେଲାସ୍ଥିତ ଇସ୍ପାତ ହସପିଟାଲରେ ଚିକିତ୍ସାଧିନ ଥିଲେ। ପରେ ରେମୁଣାସ୍ଥିତ ଘରେ ତାଙ୍କର ଚିକିତ୍ସା କରାଯାଉଥିଲା। ସେ ଆନ୍ତର୍ଜାତୀୟ ନୃତ୍ୟ ଗୁରୁ ରମଣୀରଞ୍ଜନ ଜେନାଙ୍କ ଭାଇ। ଗୁରୁ ଜେନାଙ୍କ ବିୟୋଗରେ ଗୌରହରି ସଂଗୀତ କଳା ମନ୍ଦିର ଓ ରେମୁଣା ରିଡିଂ ରୁମ୍‌ର ମିଳିତ ଆନୁକୂଲ୍ୟରେ ଶୋକସଭା ଅଧ୍ୟାପକ ପ୍ରଶାନ୍ତ ବରାଳଙ୍କ ଅଧ୍ୟକ୍ଷତାରେ ଶୋକସଭା ଅନୁଷ୍ଠିତ ହୋଇଥିଲା। ସତ୍ୟନାରାୟଣ ମହାରଣା, ପ୍ରଫୁଲ୍ଲ ମହାପାତ୍ର, ମାୟାଧର ମହାରଣା, ଜୟନ୍ତ ବରାଳ, ଦିଲ୍ଲୀପ ବେହେରା, ଗୋପୀନାଥ ଜେନା, ମୀନତି ବେହେରା ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

## ଭାଗବତ ସାରଗାଁ ସେବା ସମବାୟ ସମିତି ସଭାପତି

ରସାଳପୁର, ୭।୧୦(ଡି.ଏନ.ଏ.)

ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ଅଧୀନ ସାରଗାଁ ସେବା ସମବାୟ ସମିତିର ସଭାପତି ଭାବେ ଭାଗବତ ବେହେରା ନିର୍ବାଚିତ ହୋଇ ଦାୟିତ୍ୱ ଗ୍ରହଣ କରିଛନ୍ତି। ବୁଧବାର ଅନୁଷ୍ଠିତ ନିର୍ବାଚନରେ ସେ ୧୨ ଖଣ୍ଡ ଭୋଟ ମିଳିଥିବା ବେଳେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଜୀବନ ସାହୁ ଖଣ୍ଡିଏ ଭୋଟ୍ ପାଇଥିଲେ। ମୋଟ ୧୫ଜଣ ନିର୍ଦ୍ଦେଶକ ଏହି ସେବା ସମବାୟ ସମିତିରେ ରହିଛନ୍ତି। ସେବା ସମବାୟ ସମିତିର ବିକାଶ ପାଇଁ ସେ ନିଷ୍ଠାର ସହ କାର୍ଯ୍ୟ କରିବେ ବୋଲି ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ବେହେରା ପୂର୍ବରୁ ସମିତିର ଉପସଭାପତି ଦାୟିତ୍ୱରେ ରହିଥିଲେ। ଉଲ୍ଲେଖନୀୟ ଯେ, ଘନଶ୍ୟାମ ପଣ୍ଡା ସମିତିର ସଭାପତି ଦାୟିତ୍ୱରେ ଥିବା ବେଳେ ବିବାଦରେ ଛନ୍ଦି ହୋଇପଡିଥିଲେ। ସରକାରୀ କଟକଣା ଥିବା ସତ୍ତ୍ୱେ ସେ ସମିତିରୁ ଋଣ ନେବା ଏବଂ ବୈଠକରେ ଅନୁପସ୍ଥିତ ରହିବା ଆଦି କାରଣ ଲାଗି ୨୦୧୭ରେ ହାଇକୋର୍ଟ ତାଙ୍କ ସଭ୍ୟପଦକୁ ରଦ୍ଦ କରିଥିଲେ। ସେତେବେଳେ ସଭାପତି ଓ ସମ୍ପାଦକଙ୍କ ମଧ୍ୟରେ ବିବାଦ ଚର୍ଚ୍ଚାକୁ ଆସିଥିଲା। ହାଇକୋର୍ଟଙ୍କ ନିର୍ଦ୍ଦେଶନାମା ଘନଶ୍ୟାମ ସଭାପତି ପଦ ହରାଇବା ପରେ ଏହି ଆସନ ଖାଲି ପଡିଥିଲା। ତଦନୁଯାୟୀ, ସମବାୟ ବିଭାଗ ବୁଧବାର ସଭାପତି ନିର୍ବାଚନ ପାଇଁ ତାରିଖ ଧାର୍ଯ୍ୟ କରିଥିଲେ। ଶୃଙ୍ଖଳାର ସହ ସେଦିନ ଭୋଟ ଗ୍ରହଣ କରାଯାଇ ଫଳାଫଳ ଘୋଷଣା କରାଯାଇଥିଲା।



ବିଧାୟକ ପାଣିଗ୍ରାହୀ ପୁଷ୍ପଗୁଚ୍ଛ ଦେଇ ମନ୍ମଥ ନାୟକଙ୍କୁ ଦଳକୁ ସ୍ୱାଗତ କରୁଛନ୍ତି।

## ଗଡପୋଖରୀରେ ବିଜେଡିର ଶକ୍ତିବୃଦ୍ଧି
## ସାମିଲ ହେଲେ ପୂର୍ବତନ ସରପଞ୍ଚ, ୱାର୍ଡସଭ୍ୟ

ଖଇରା, ୭।୧୦(ଡି.ଏନ.ଏ.)

ଖଇରା ବ୍ଲକ ଗଡପୋଖରୀ ପଞ୍ଚାୟତରେ ରବିବାର ବିଜେଡିର ପଦଯାତ୍ରା ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଏକ ବିଶାଳ ପଟୁଆର ତ୍ରିଶଳପୁର ଗ୍ରାମରୁ ବାହାରି ଜୟୀଗଡ, ଶଙ୍କଣା, ଗଡପୋଖରୀ ଦେଇ ସିମୁଳିଆ ଗାୟତ୍ରୀ ପଡିଆରେ ପହଞ୍ଚିଥିଲା। ବିଜେଡି ସଭାପତି ବ୍ରଜକିଶୋର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଏମ୍‌ପି ଅର୍ଜ୍ଜୁନ ଚରଣ ସେଠୀ, ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ଉପାଧ୍ୟକ୍ଷ ଜୟନ୍ତ ରାଉତ, ସରପଞ୍ଚ ଗଜେନ୍ଦ୍ର ପରିଡା, ସମିତିସଭ୍ୟା ସଞ୍ଜୁଶ୍ରୀ ବାରିକ, ଜିଲା ପରିଷଦ ସଭ୍ୟା କଳ୍ପନା ନାଇକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ପୂର୍ବତନ ସରପଞ୍ଚ ତଥା କଂଗ୍ରେସର ଟାଣୁଆ ନେତା ମନ୍ମଥ ନାୟକ ଓ ପଞ୍ଚାୟତର ବର୍ତ୍ତମାନ ଦାୟିତ୍ୱରେ ଥିବା ୭ଜଣ ୱାର୍ଡ ସଭ୍ୟାସଭ୍ୟ ୩ଶହରୁ ଊର୍ଦ୍ଧ୍ୱ ସମର୍ଥକଙ୍କ ସହ କଂଗ୍ରେସ ଛାଡି ବିଜେଡିରେ ଯୋଗ ଦାନ କରିଥିଲେ। ୱାର୍ଡସଭ୍ୟ ହେଲେ ୧୫ନମ୍ବର ୱାର୍ଡର ସଭ୍ୟା ତଥା ନାଏବ ସରପଞ୍ଚ ସବିତା ନାୟକ, ୧୬ନଂ. ଅନ୍ନପୂର୍ଣ୍ଣା ପାତ୍ର, ୧୪ ନଂ. ଅନୁପମା ପାତ୍ର, ୧୨ନଂ. ବୃନ୍ଦାବନ ମହାନ୍ତି, ୧୧ନଂ. ଜଗବନ୍ଧୁ ସ, ୧୦ନଂ. ରେଣୁବାଳା ସେଠୀ, ୪ନଂ. ରମେଶ ଚନ୍ଦ୍ର ସଂ। ଗଡପୋଖରୀ ପଞ୍ଚାୟତର ଯୁବନେତା ବିଜୟ ବାରିକ, ବାବୁଲି ପରିଡା, ଅବନୀ କୁମାର ରାଉଳ, ଅନ୍ତର୍ଯାମୀ ଦଳେଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ହୋଇଥିଲା।

## ସ୍ୱଚ୍ଛତା ପାଇଁ ଅଣ୍ଟା ଭିଡ଼ିଲେ ଉତ୍ତମନଗରବାସୀ

ବାଲେଶ୍ୱର ଅଫିସ, ୭।୧୦

ବାଲେଶ୍ୱର ମ୍ୟୁନିସିପାଲିଟି ୨୧ ନମ୍ବର ୱାର୍ଡ଼ର ଉତ୍ତମନଗର ଗ୍ରାମର 'ଉତ୍ତମନଗର ଉନ୍ନୟନ କମିଟି' ପକ୍ଷରୁ ରବିବାର ପୂର୍ବାହ୍ଣରେ ସ୍ୱଚ୍ଛତା ଅଭିଯାନ ପାଳିତ ହୋଇଯାଇଛି। କମିଟି ସଭାପତି ଦେବବ୍ରତ ପୁହାଣ, କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ କୁମାର ମହାପାତ୍ରଙ୍କ ନେତୃତ୍ୱରେ ଶତାଧିକ ଲୋକ ସଫେଇରେ ସାମିଲ ହୋଇଥିଲେ। ଉତ୍ତମନଗର ମୁଖ୍ୟରାସ୍ତାରୁ ଗ୍ରାମର ଶେଷ ପର୍ଯ୍ୟନ୍ତ ୧କି.ମି.ରୁ ଊର୍ଦ୍ଧ୍ୱ ରାସ୍ତାକୁ ସଫେଇ କରାଯାଇଥିଲା। କମିଟିର ପୂର୍ବ ପ୍ରସ୍ତୁତି ଅନୁସାରେ ଉକ୍ତ ଅଞ୍ଚଳର ଲୋକମାନେ ହାତରେ ଝାଡୁ, କୋଦାଳ, ପାଛିଆ ଧରି ଗାଁ ରାସ୍ତା ସମେତ ନାଳନର୍ଦ୍ଦମାକୁ ସଫା କରିଥିଲେ। ଆଗକୁ ଦୁର୍ଗାପୂଜା ଗାଁକୁ ସଫା କରିବା ସହ ପରିବେଶକୁ ସୁସ୍ଥ ରଖିବା ପାଇଁ ଅନୁଷ୍ଠାନ ତରଫରୁ ଏଭଳି କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବା ସମ୍ପାଦକ ଦୟାନିଧି ବିଶ୍ୱାଳ ପ୍ରକାଶ କରିଛନ୍ତି। ଏହି ଅବସରରେ ଅନୁଷ୍ଠିତ ସଚେତନତା ସଭାରେ ସମସ୍ତ ସଦସ୍ୟମାନେ ସ୍ୱଚ୍ଛ ଭାରତ ଗଠନ ପାଇଁ ଶପଥ ନେଇଥିଲେ। କାର୍ଯ୍ୟକ୍ରମରେ କୋଷାଧ୍ୟକ୍ଷ ଗୌରହରି ଭୂୟାଁ, କମିଟି ସଦସ୍ୟ ଗୋବିନ୍ଦ ଚନ୍ଦ୍ର ପାତ୍ର, ସତ୍ୟାନନ୍ଦ ଦେବଗୋସ୍ୱାମୀ, ଶିଶିର କୁମାର ମହାପାତ୍ର, ଶୁଶାନ୍ତ କୁମାର ବାରିକ, କମଳାକାନ୍ତ ତ୍ରିପାଠୀ, ଅଭିମନ୍ୟୁ ବେହେରା, ବିଜୟ କୁମାର ସାହୁ, ଲକ୍ଷ୍ମୀଧର ପଣ୍ଡା, କୁମାର ଚନ୍ଦ୍ର ଦାସ, ରବିନ୍ଦ୍ର କୁମାର ସ୍ୱାଇଁ, ରାମକୃଷ୍ଣ ଶତପଥୀ, ଶକ୍ତିପଦ ଭଟ୍ଟାଚାର୍ଯ୍ୟ, ଧୀରେନ୍ କୁମାର ସେନ, ନିର୍ମଳ ଚନ୍ଦ୍ର ବାଗ, ମାଧବାନନ୍ଦ ପାତ୍ର, ଅନ୍ତର୍ଯାମୀ ଗିରି, ଗୋକୁଳ ଚନ୍ଦ୍ର ଜେନା ପ୍ରମୁଖ ସାମିଲ ହୋଇଥିଲେ।



ସଫେଇରେ ସାମିଲ 'ଉତ୍ତମନଗର ଉନ୍ନୟନ କମିଟି' ସଦସ୍ୟ ଓ ଗ୍ରାମବାସୀ।

## ଉଦ୍ୟୋଗୀ ସମ୍ବେଦୀକରଣ ଶିବିର

ବାହାନଗା, ୭।୧୦(ଡି.ଏନ.ଏ.)

ବାହାନଗା ବ୍ଲକ ଅଭଣା ବେଳାଭୂମି ମହାବିଦ୍ୟାଳୟ ପରିସରରେ ଯୁକ୍ତ ୩ ଛାତ୍ରୀଛାତ୍ରଙ୍କୁ ନେଇ ଶୁକ୍ରବାର ଶିଳ୍ପ ସଚେତନତା ତଥା ଉଦ୍ୟୋଗୀ ସମ୍ବେଦୀକରଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟ ଅଧ୍ୟକ୍ଷ ବନମାଳୀ ବେହେରା ସଭାପତିତ୍ୱ କରିଥିଲେ। ବାଲେଶ୍ୱର ଜିଲା ଶିଳ୍ପକେନ୍ଦ୍ରର ଉପଅଧିକାରୀ ଅନିଲ କୁମାର ଦେ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ବାହାନଗା ବ୍ଲକ ଆଇପିଓ ଅରୁଣ କୁମାର ମଣ୍ଡଳ ବିଦ୍ୟାର୍ଥୀମାନଙ୍କୁ ଶିଳ୍ପ ଉଦ୍ୟୋଗୀ ମାଧ୍ୟମରେ ନିଜର କ୍ୟାରିୟର ତିଆରି କରିବାର ବିଭିନ୍ନ ମାର୍ଗଦର୍ଶନ କରାଇବା ସହିତ ଶିଳ୍ପୋଦ୍ୟୋଗୀ କିପରି ସମାଜ ଓ ରାଷ୍ଟ୍ରୀୟ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇପାରିବ ସେ ସମ୍ବନ୍ଧରେ ମୂଲ୍ୟବାନ ପରାମର୍ଶ ଦେଇଥିଲେ। ଶିଳ୍ପୋଦ୍ୟୋଗ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ନିର୍ମାଣରେ କିପରି ସହାୟକ ହୋଇପାରିବ ସେ ସମ୍ପର୍କରେ ମତ ଦେଇଥିଲେ। ମହାବିଦ୍ୟାଳୟ ଅଧ୍ୟାପକ ଡ. ପ୍ରଶାନ୍ତ କୁମାର ରାଉତ, ଡ. ଅନନ୍ତ ସାହୁ, ରବିନାରାୟଣ ଦାସ, ବସନ୍ତ ସନ୍ଧିବିଗ୍ରହ, ମଧୁସ୍ମିତା ମହାନ୍ତି ଓ ଅନନ୍ତ ନାୟକ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅଧ୍ୟାପକ ଅନିରୁଦ୍ଧ ବରାଳ ଧନ୍ୟବାଦ ଦେଇଥିଲେ।

## ■ ଲୁଟେରା ଗ୍ୟାଙ୍ଗ ଠାବ
# ଦୁର୍ଦ୍ଦାନ୍ତ ଅପରାଧୀଙ୍କ ସମେତ ୪ ଗିରଫ

ବାହାନଗା, ୭।୧୦(ଡି.ଏନ.ଏ.)



ଗିରଫ ଅଭିଯୁକ୍ତ ଓ ଜବତ ସାମଗ୍ରୀ(ଇନ୍‌ସେଟ୍)।

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଖନ୍ତାପଡା ଥାନା ପୋଲିସ ଓ ଗୋପାଳପୁର ଫାଣ୍ଡି ପୋଲିସ ପକ୍ଷରୁ ଶନିବାର ରାତିରେ ମିଳିତ ଚଢାଉ କରାଯାଇ ଦୁର୍ଦ୍ଦାନ୍ତ ଅପରାଧୀଙ୍କ ସମେତ ୪ଜଣଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ସେମାନଙ୍କଠାରୁ ଚୋରି ସୁନା ଅଳଙ୍କାର, ୩ଟି ମୋବାଇଲ ଫୋନ, ୨ଟି ମୋଟର ସାଇକେଲ, ବ୍ୟାଙ୍କ ପାସ୍‌ବୁକ୍, ଗୋଟିଏ ଭୁଜାଲି, ୧୦ରୁ ଊର୍ଦ୍ଧ୍ୱ କିଶାନ କ୍ରେଡିଟ୍ କାର୍ଡ, ବିଜୁ ସ୍ୱାସ୍ଥ୍ୟବୀମା କାର୍ଡ, ଗୋଟିଏ କ୍ୟାମେରା, ପାଣିବୁହା ମୋଟର ଆଦି ଜବତ କରାଯାଇଛି।

ଗତ ସେପ୍ଟେମ୍ବରରେ ତାଳକୁରୁଣିଆ ପଞ୍ଚାୟତ ରହଣିଆଁଗଞ୍ଜ ଗ୍ରାମ ରାସ୍ତାରେ ଜଣେ ଯୁବତୀ ଓ ଯୁବକଙ୍କୁ ଅଟକାଇ ସେମାନଙ୍କଠାରୁ ୩ଲକ୍ଷ ଟଙ୍କା ଓ ଲାପଟପ ଲୁଟ୍ କରାଯାଇଥିଲା। ଏନେଇ ପୋଲିସ ଏକ ମାମଲା (ନଂ.୩୬୧/୧୮) ରୁଜୁ କରି ବିଭିନ୍ନ ସ୍ଥାନରେ ଚଢାଉ ଜାରି କରିଥିଲା। ଶନିବାର ରାତିରେ ପୋଲିସ ପକ୍ଷରୁ ମିଳିତ ଚଢାଉ କରାଯାଇ ଦୁର୍ଦ୍ଦାନ୍ତ ଅପରାଧୀ ଲକ୍ଷ୍ମୀଧର ମଲ୍ଲିକଙ୍କୁ ବରିପଦା ଗ୍ରାମସ୍ଥିତ କଙ୍କଡା ଛକ ନିକଟରେ ଗିରଫ କରାଯାଇଥିଲା। ଏହାପରେ ତାଙ୍କର ସୂଚନା ଅନୁସାରେ ୩ଜଣ ସହଯୋଗୀ ବରିପଦାର ଶରତ ଦାସ, ଅଟାସପୁର ଗ୍ରାମର ଦିଗାମ୍ବର ମଲ୍ଲିକ ଓ ଅନ୍ୟ ଜଣେ ନାବାଳକଙ୍କୁ ପୋଲିସ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ଲକ୍ଷ୍ମୀଧର ମଲ୍ଲିକ ନାମରେ ୨୭ଟି ମାମଲାରେ ୱାରେଣ୍ଟ ଥିବା ବେଳେ ଗୋଟିଏ ଗଣବଳାତ୍କାର ମାମଲା ରହିଛି। ଏହିଭଳି ଲକ୍ଷ୍ମୀଧରଙ୍କ ନାମରେ ୫୦ରୁ ଊର୍ଦ୍ଧ୍ୱ ମାମଲା ରୁଜୁ ହୋଇଛି। ମାତ୍ର ଅନ୍ୟ ୭ ଜଣ ସହଯୋଗୀ ଫେରାର ହୋଇଯାଇଛନ୍ତି। ସେମାନେ ସୋର, ବାହାନଗା, ଖନ୍ତପଡା, ନୀଳଗିରି ଆଦି ଅଞ୍ଚଳରେ ତାଙ୍କ ନେଟୱର୍କ ବିଛାଇ ଚୋରି ଡକାୟତି ଆଦି ଘଟଣା ଘଟାଉଥିବା ପୋଲିସ ନିକଟରେ ସ୍ୱୀକାର କରିଛନ୍ତି।

## ■ ଏକତରଫା ପ୍ରେମର ସାଙ୍ଘାତିକ ପରିଣତି
# ପ୍ରେମିକାଙ୍କ ମା'ଙ୍କୁ ହାଣି ଜେଲ ଗଲେ ପ୍ରେମିକ

ଭୋଗରାଇ, ୭।୧୦(ଡି.ଏନ.ଏ.)

ମିସକଲ୍ ଏବଂ ଫେସବୁକ୍‌ରୁ ଗଢ଼ି ଉଠିଥିଲା ସମ୍ପର୍କ। ପରେ ଯୁବତୀଯୁବକଙ୍କ ମଧ୍ୟରେ ସମ୍ପର୍କ ନିବିଡ ହୋଇଥିଲା। ଶେଷରେ ପ୍ରେମିକାଙ୍କ ପ୍ରତାରଣାର ଶୀକାର ହୋଇ ପ୍ରେମିକ ପ୍ରତିହିଂସା ପରାୟଣ ହେବା ସହିତ ପ୍ରେମିକା ମା'ଙ୍କୁ କଟୁରୀ ଚୋଟରେ ମୁଣ୍ଡ ଓ ହାତକୁ ହାଣିଦେବା ଘଟଣା ଭୋଗରାଇ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଛି।

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଅଡ଼ାଖଣ୍ଡ ଗ୍ରାମର ଶନିଆ ଭୋଇ (୩୧) ଦୁବାଇରେ ରହି କାର୍ଯ୍ୟ କରୁଥିଲେ। ବାଲେଶ୍ୱର ଜିଲା ଭୋଗରାଇ ଥାନା ଚନ୍ଦନେଶ୍ୱର ନିକଟବର୍ତ୍ତୀ ଶ୍ୟାମାନନ୍ଦପୁର ଗ୍ରାମର ଜଣେ ଯୁବତୀଙ୍କୁ ସେ ପ୍ରେମ କରୁଥିଲେ। ୨ବର୍ଷ ଧରି ଯୁବତୀଯୁବକ ମଧ୍ୟରେ ପ୍ରେମ ସମ୍ପର୍କ ଗଢି ଉଠିବା ପରେ ୬ମାସ ହେଲା ଶନିଆ ଦୁବାଇ ଛାଡ଼ି ଘରେ ରହୁଥିଲେ। ଯୁବତୀଜଣକ ହିମାଚଳପ୍ରଦେଶ ସ୍ୱତନ୍ତ୍ର ସୀମା ବଳ ଟ୍ରେନିଂ ସେଣ୍ଟରରେ ପ୍ରଶିକ୍ଷଣ ନେଉଥିଲେ। ପରେ ଯୁବତୀ ବିହାରର ପାଟଣାରେ ଚାକିରି କରିବା ପରେ ଯୁବକଙ୍କ ସହିତ କଥାବାର୍ତ୍ତା ବନ୍ଦ କରିଦେଇଥିଲେ। ଏଥିରେ ଶନିଆ ପ୍ରତିହିଂସା ପରାୟଣ ହୋଇ ଚନ୍ଦନେଶ୍ୱର ଆସି ଶନିବାର ସନ୍ଧ୍ୟାରେ ଯୁବତୀଙ୍କ ଘରେ ପହଞ୍ଚିଥିଲେ। ଯୁବତୀ ମା' ଘରେ ଏକୁଟିଆ ଥିବାବେଳେ ଶନିଆ ତାଙ୍କ ଝିଅ ବିଷୟରେ ପଚାରିଥିଲେ। ସେ ଘରେ ନାହିଁ ବୋଲି ତାଙ୍କ ମା' କହିବା ପରେ ଶନିଆ ତାଙ୍କ ଏୟାରବ୍ୟାଗ୍‌ରୁ ଏକ କଟୁରୀ ବାହାର କରି ତାଙ୍କ ମୁଣ୍ଡ ଓ ହାତକୁ ୨ଚୋଟ ମାରି ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ମହିଳାଙ୍କ ଚିତ୍କାର ଶୁଣି ପଡ଼ୋଶୀ ଆସି ମହିଳାଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପ୍ରଥମେ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ତାଙ୍କର ଅବସ୍ଥା ଗୁରୁତର ହେବାରୁ ଭୁବନେଶ୍ୱର ଏକ ଘରୋଇ ନର୍ସିଂହୋମ୍‌ରେ ଆଇସିୟୁରେ ରଖାଯାଇଛି। ସେ ଏନେଇ ମୃତ୍ୟୁ ସହିତ ସଂଗ୍ରାମ କରୁଛନ୍ତି। ଯୁବତୀଙ୍କ ଦାଦା ଭୋଗରାଇ ପୋଲିସକୁ ଖବର ଦେବା ପରେ ପୋଲିସ ବିଭିନ୍ନ ସ୍ଥାନରେ ତଲାସୀ କରି ହତ୍ୟା ଉଦ୍ୟମକାରୀ ଯୁବକଙ୍କୁ ବିଳମ୍ବିତ ରାତିରେ ଗିରଫ କରିଛନ୍ତି। ଯୁବତୀଙ୍କ ଦାଦା ଭୋଗରାଇ ଥାନାରେ ରବିବାର ଯୁବକଙ୍କ ବିରୋଧରେ ଏତଲା ଦେଇଛନ୍ତି। ସେ ଏତଲାରେ ଯୁବକଜଣକ ତାଙ୍କ ଝିଆରୀଙ୍କୁ ଏକତରଫା ପ୍ରେମ ନିବେଦନ କରି ବିଫଳ ହେବା ପରେ ଏଭଳି କାଣ୍ଡ ଘଟାଇଛି ବୋଲି ଉଲ୍ଲେଖ କରିଛନ୍ତି। ତେବେ ଗିରଫ ଯୁବକ ଜଣକ ଯୁବତୀଙ୍କୁ ୨ବର୍ଷ ଧରି ପ୍ରେମ କରୁଥିଲେ। ବିବାହ ପାଇଁ ଗତମାସ ୧୫ ତାରିଖରେ ସେ ପ୍ରସ୍ତାବ ଦେଇଥିଲେ। ଯୁବତୀ ରାଜି ନ ହେବାରୁ ସେ ପ୍ରତିହିଂସାପରାୟଣ ହୋଇ ଏପରି କାଣ୍ଡ ଘଟାଇଛି ବୋଲି ସ୍ୱୀକାର କରି କାନ୍ଦି ପକାଇଥିଲେ। ଭୋଗରାଇ ପୋଲିସ ଏକ ମାମଲା (ନଂ.୧୬୮/୧୮) ରୁଜୁ କରି ଅଭିଯୁକ୍ତଙ୍କୁ ଜଳେଶ୍ୱର କୋର୍ଟକୁ ପଠାଇଛନ୍ତି। ତାଙ୍କର ଜାମିନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଏହି ଘଟଣାରେ ପୋଲିସ ପ୍ରାଥମିକ ତଦନ୍ତ କରି ଯୁବକ ବ୍ୟବହାର କରିଥିବା କଟୁରି, ବ୍ୟାଗ୍ ଓ ଏକ ହାତୁଡ଼ି ଜବତ କରିଛି।



ଗିରଫ ଶନିଆ ଭୋଇ।

## ପୋଖରୀରୁ ମହିଳାଙ୍କ ମୃତଦେହ ଉଦ୍ଧାର, ହତ୍ୟା ସନ୍ଦେହ

ରୂପ୍‌ସା, ୭।୧୦(ଡି.ଏନ.ଏ.)

ବାଲେଶ୍ୱର ସଦର ବ୍ଲକ ରୂପ୍‌ସା ଥାନା କାଦମୌଦା ଗ୍ରାମର ଅଜୟ କୁମାର ନାୟକଙ୍କ ପୋଖରୀରୁ ପୋଲିସ ରବିବାର ଜଣେ ମହିଳାଙ୍କ ମୃତଦେହ ଉଦ୍ଧାର କରିଛି। ଏକ ଅଖା ଭିତରେ ମୃତଦେହ ମିଳିଥିବାରୁ ଏହା ଏକ ହତ୍ୟାକାଣ୍ଡ ବୋଲି ପୋଲିସ ସନ୍ଦେହ କରୁଛି। ଏ ସଂକ୍ରାନ୍ତରେ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୭/୧୮) ରୁଜୁ ହୋଇଛି। ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ମୃତ ମହିଳାଙ୍କ ପରିଚୟ ଜଣାପଡ଼ିନାହିଁ। ତାଙ୍କ ବୟସ ୩୦ରୁ ୩୫ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ପୋଖରୀ କୂଳରେ ମୃତଦେହ ଭାସୁଥିବା ଗାଁ ଲୋକେ ଦେଖି ଭୟଭୀତ ହୋଇଯାଇଥିଲେ। ସମିତିସଭ୍ୟା ଅଭିପ୍ସା ନାୟକ ଏ ନେଇ ପୋଲିସଙ୍କୁ ଖବର ଦେଇଥିଲେ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ ସତ୍ୟାସତ୍ୟ ଜଣାପଡ଼ିବ ବୋଲି ଥାନାଧିକାରୀ ସୁଚନ୍ଦ୍ର ମହାଳିକ କହିଛନ୍ତି।

## ସଂକ୍ଷେପରେ

### ଶିଶୁ ବିକ୍ରି ଅଭିଯୋଗ

**ବାରିପଦା ଅଫିସ,୭।୧୦**-ବାରିପଦା ଟାଉନ ଥାନା ଅଧୀନ ଶବର ସାହିର ଜଣେ ଦମ୍ପତି ଶିଶୁ ବିକ୍ରି କରିଥିବା ନେଇ ରବିବାର ଟାଉନ ଥାନାରେ ଅଭିଯୋଗ ହୋଇଛି। ଚାଇଲ୍ଡ ଲାଇନ ପକ୍ଷରୁ ଏନେଇ ଥାନାରେ ଏତଲା ଦିଆଯାଇଛି। ବାରିପଦା ଭୁଗୁଡ଼ାକଟାର ମୂଳ ବାସିନ୍ଦା ତଥା ବାଲେଶ୍ୱରର ଏକ ଦମ୍ପତି ଏହି ଶିଶୁକୁ କିଣିଥିବା ଜଣାପଡ଼ିଛି। ଏନେଇ କୌଣସି ମାମଲା ରୁଜୁ ହୋଇ ନ ଥିବାବେଳେ ସୋମବାର ଉଭୟ ଦମ୍ପତିଙ୍କୁ ଥାନାକୁ ଡକାଇଥିବା ଏଏସଆଇ ଜୀବନ ମିଶ୍ର କହିଛନ୍ତି।

### ମହିଳାଙ୍କ ଆତ୍ମହତ୍ୟା

**ରାଇରଙ୍ଗପୁର,୭।୧୦(ଡି.ଏନ.ଏ.)**-ମୟୂରଭଞ୍ଜ ଜିଲା ବାଦାମପାହାଡ଼ ଥାନା ଅନ୍ତର୍ଗତ ବାସିଲା ଗ୍ରାମରେ ସୁନୀତା ଟୁଡୁ ନାମ୍ନୀ ଜଣେ ମହିଳା ବେକରେ ଓଢ଼ଣୀ ବାନ୍ଧି ଆତ୍ମହତ୍ୟା କରିଛନ୍ତି। ଖବରପାଇ ରାଇରଙ୍ଗପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପୋଲିସ ଏନେଇ ଏକ ଅପମୃତ୍ୟୁ ମାମଲା (ନଂ.୧୧/୨୦୧୮) ରୁଜୁ କରି ତଦନ୍ତ ଜାରି ରଖିଛି। ପାରିବାରିକ କଳହ ଯୋଗୁ ଏପରି ହୋଇଥିବା ପୋଲିସ ସନ୍ଦେହ କରିଛି।

### ପ୍ରାଥମିକ ଶିକ୍ଷକ ସଂଘର ସାଙ୍ଗଠନିକ ନିର୍ବାଚନ

**ବଡ଼ସାହି, ୭।୧୦(ସ୍ୱ.ପ୍ର)**-ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସନ, ବଡ଼ସାହି ବ୍ଲକ ଶାଖା ସଙ୍ଗଠନର କର୍ମକର୍ତ୍ତା ଚୟନ ନିମନ୍ତେ ନିର୍ବାଚନ ପ୍ରକ୍ରିୟା ସ୍ଥାନୀୟ ବଡ଼ସାହି ସରକାରୀ ଉପ୍ରା ସ୍କୁଲ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏକ ପ୍ରାକ୍ ନିର୍ବାଚନୀ ବୈଠକ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ବିଇଓ ଦେବବ୍ରତ ବାରିକ, ସମ୍ମାନିତ ଅତିଥି ଭାବେ ଏବିଇଓ ସୋମନାଥ ଦାସ ଓ ପଦ୍ମଲୋଚନ ଦାସ, ପ୍ରାକ୍ତନ ଜିଲା ସଭାପତି ରତିକାନ୍ତ ସେଠୀ, ଜିଲା ସମ୍ପାଦକ ଜୟନ୍ତ ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ ଜିଲା ଆବାହାକ ବିମଳ କୁମାର ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକର ସାଙ୍ଗଠନିକ ପଦ ପଦବୀ ନିମନ୍ତେ କର୍ମକର୍ତ୍ତା ଚୟନ କରାଯାଇଥିଲା । ସଭାପତି ଭାବେ ପଞ୍ଚାନନ ବେହେରା, ଉପସଭାପତି ସନ୍ତୋଷ କୁମାର ବିଶ୍ୱାଳ ଓ ସୁରେଖା ଦଣ୍ଡପାଟ, ସମ୍ପାଦକ ବୀରେନ୍ଦ୍ର ପ୍ରଧାନ, ସହ ସମ୍ପାଦକ ମହେଶ୍ୱର ମହାନ୍ତ, କାଜଲ ପ୍ରହରାଜ, ଲଳିତ କୁମାର ମହାନ୍ତି, ଧୀରେନ୍ଦ୍ର କୁମାର ବେହେରା ପ୍ରମୁଖ ମନୋନୀତ ହୋଇଛନ୍ତି ।

### ଆହତ ଛାତ୍ରୀଙ୍କ ଆରୋଗ୍ୟ ପାଇଁ ଦୀପ ପ୍ରଜ୍ୱଳନ

**କପ୍ତିପଦା,୭।୧୦(ଡି.ଏନ୍.ଏ)**- ଗତ ୪ ତାରିଖ କପ୍ତିପଦା ମହାବିଦ୍ୟାଳୟ ସମ୍ମୁଖରେ ଏକ ଇଟା ବୋଝେଇ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ ହୋଇଛି । ଏଥିରେ ମହାବିଦ୍ୟାଳୟର +୩ ଛାତ୍ରୀ ରସ୍ମିତା ପାଣିଗ୍ରାହୀ ଗୁରୁତର ଆହତ ହୋଇଛନ୍ତି । ସେ ବର୍ତ୍ତମାନ କଟକସ୍ଥିତ ଅଶ୍ୱନୀ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି । ତାଙ୍କର ଆଶୁ ଆରୋଗ୍ୟ କାମନା ପାଇଁ ଶନିବାର ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ଶନି ମନ୍ଦିରକୁ ଯାଇ ସାମୂହିକ ଦୀପ ପ୍ରଜ୍ୱଳନ କରିବା ସହିତ ପୂଜାର୍ଚ୍ଚନା କରିଛନ୍ତି। ସେମାନଙ୍କ ପକ୍ଷରୁ ୧୦ ହଜାର ଟଙ୍କାର ଆର୍ଥିକ ସହାୟତା ମଧ ସଂଗ୍ରହ କରାଯାଇ ତାଙ୍କର ଚିକିତ୍ସା ନିମନ୍ତେ ପଠା ଯାଇଛି ।

### ଜନଶୁଣାଣି କାର୍ଯ୍ୟକ୍ରମ

**ଖୁଣ୍ଟା,୭।୧୦(ଡି.ଏନ.ଏ.)**- ଖୁଣ୍ଟା ବ୍ଲକରେ ଶନିବାର ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲାପାଳ ବିନୀତ ଭରଦ୍ୱାଜ ଯୋଗ ଦେଇଥିଲେ। ପରେ ଅପରାହ୍ନରେ ବ୍ଲକ ଅଧୀନ ବଡ଼ଫେଣି ଗ୍ରାମପଞ୍ଚାୟତକୁ ଜିଲାପାଳ ପରିଦର୍ଶନରେ ଯାଇଥିଲେ। ପଞ୍ଚୟତରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର ମାମଲା ଗୁଡିକୁ ଦେଖିଥିଲେ ଏବଂ ପଞ୍ଚାୟତ ଅଧୀନରେ ନିର୍ମାଣାଧୀନ ଥିବା ପଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ଗୁଡିକୁ ତୁରନ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳଙ୍କ ଏହି ପରିଦର୍ଶନରେ ବିଡିଓ ଦେବଦତ୍ତ ପଣ୍ଡା, ଦେବାନନ୍ଦ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଭିନ୍ନ ପରମ୍ପରା: ଦହି ପଖାଳକୁ ମାଛଭଜା

**ବାରିପଦା ଅଫିସ,୭।୧୦**




- ୩୮ ବର୍ଷରେ ମୁର୍ଗାବାଡ଼ି ଦୁର୍ଗାପୂଜା
- ବ୍ୟୟ ଅଟକଳ ୪ ଲକ୍ଷକୁ ବୃଦ୍ଧି
- ଶୋଭା ପାଇବ ମନ୍ଦିର ସଦୃଶ ତୋରଣ

ପାର୍ବଣ ଋତୁ ଆଗମନରେ ମୟୂରଭଞ୍ଜ ଜିଲା ବାରିପଦା ସହରର ବିଭିନ୍ନ ପୂଜା କମିଟି ଜୋରଦାର ପ୍ରସ୍ତୁତି ଆରମ୍ଭ କରିଛନ୍ତି। ମା' ଦୁର୍ଗାଙ୍କ ପୂଜା ଲାଗି ମେଢ ଓ ତୋରଣ ନିର୍ମାଣ କାର୍ଯ୍ୟ ଜାରି ରହିଛି। ସାଜସଜ୍ଜାରେ ଆଧୁନିକତାର ଝଲକ ସତ୍ତ୍ୱେ ପାରମ୍ପରିକ ଶାରଦୀୟ ପୂଜାର ଆକର୍ଷଣ ଅତୁଟ ରହିଛି। କେଉଁଠି ଦହି ପଖାଳ ସାଙ୍ଗକୁ ମାଛ ଭଜା ଭୋଗ ତ ଆଉ କେଉଁଠି ମହିଳାଙ୍କ ସିନ୍ଦୂର ଖେଳ ଓ ଅନ୍ୟ ପାରମ୍ପରିକ ସାଂସ୍କୃତିକ କାର୍ଯ୍ୟକ୍ରମ ଲାଗି ପ୍ରସ୍ତୁତି ଚାଲିଛି। ବାରିପଦା ମୁର୍ଗାବାଡି ଦୁର୍ଗାପୂଜା କମିଟି ପକ୍ଷରୁ ହେଉଥିବା ସ୍ୱତନ୍ତ୍ର ପୂଜାରେ ପ୍ରତିବର୍ଷ ମା' ଦୁର୍ଗାଙ୍କ ପାଖରେ ଦହି ପଖାଳ ଓ ମାଛ ଭଜା ଭୋଗ ଲାଗି ହେବା ପରମ୍ପରା ଅନୁସୃତ ହୋଇ ଆସୁଛି। ଏଥିଲାଗି ସେଠାରେ ବହୁ ଶ୍ରଦ୍ଧାଳୁଙ୍କ ଭିଡ ହୋଇଥାଏ। ଚଳିତବର୍ଷ ଏହି ପୂଜା ୩୮ ବର୍ଷରେ ପଦାର୍ପଣ କରିଛି।

ପୂଜା କମିଟି କର୍ମକର୍ତ୍ତା କହିଛନ୍ତି ଯେ, ୧୯୮୦ ମସିହାରେ ବାରିପଦା ମୁର୍ଗାବାଡି ଅଞ୍ଚଳରେ ପ୍ରଥମ ପୂଜା ହୋଇଥିଲା। ସେତେବେଳେ ସଞ୍ଜିତ କୁମାର ପଣ୍ଡା, ସ୍ୱର୍ଗତ ବଙ୍କେଶ କୁମାର ଦାସ, ହରିମୋହନ ପଲେଇ, ପ୍ରଶାନ୍ତ ପଣ୍ଡା, ନିଶାକର ବେହେରା, କ୍ଷେତ୍ରମୋହନ ସାହୁ, ସ୍ୱର୍ଗତ ରତ୍ନାକର ଗୋଛାୟତ ଏବଂ ସ୍ୱର୍ଗତ ଶ୍ରୀଧର ବେହେରା ପ୍ରମୁଖ ଯୋଜନା କରି ୩ ହଜାର ୫ ଶହ ଟଙ୍କା ବ୍ୟୟ ଅଟକଳରେ ପୂଜା ଆରମ୍ଭ କରିଥିଲେ। ବର୍ତ୍ତମାନ ବ୍ୟୟ ଅଟକଳ ବଢ଼ି ୪ ଲକ୍ଷରେ ପହଞ୍ଚିଛି। ପୂଜାକୁ ଅଧିକ ଆକର୍ଷଣୀୟ କରିବା ଲାଗି ଏଥର ମନ୍ଦିର ସଦୃଶ ତୋରଣ ନିର୍ମାଣ କରାଯାଉଛି। ଏଥଲାଗି ୧ ଲକ୍ଷ ୧୦ ହଜାର ଏବଂ ଲାଇଟ ଓ ସାଜସଜ୍ଜା ପାଇଁ ୮୦ ହଜାର ବ୍ୟୟ ଅଟକଳ କରାଯାଇଛି। ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ଲାଗି ୪୦ ହଜାର ବ୍ୟୟ ଅଟକଳ ଧାର୍ଯ୍ୟ ହୋଇଛି। ମୁର୍ଗାବାଡି ପୂଜାରେ ଅଷ୍ଟମୀ ଦିନ ଅନ୍ନଭୋଗ କରାଯାଇ ଭକ୍ତଙ୍କୁ ପ୍ରଦାନ କରାଯାଇଥାଏ। ଦଶମୀ ପୂଜାରେ ମା'ଙ୍କ ପାଖରେ ଦହି ପଖାଳ, ଗଡିଶା ମାଛ ଭଜା, ବଡି ଚୁରା, ଶାଗ, ଭେଣ୍ଡି ପୋଡା ଓ ଜହ୍ନି ପୋଡା ଭୋଗ ଲଗାଯାଇଥାଏ। ଏହାକୁ ପ୍ରସାଦ ରୂପେ ଶ୍ରଦ୍ଧାଳୁଙ୍କୁ ବଣ୍ଟାଯାଇଥାଏ। ପୂଜା କମିଟି ମନୋରଞ୍ଜନ ଧର୍ମୀ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଗୁରୁତ୍ୱ ନ ଦେଇ ଶ୍ରଦ୍ଧାଳଙ୍କୁ ପ୍ରସାଦ ବଣ୍ଟନ ପ୍ରତି ଗୁରୁତ୍ୱ ଦେଇଥାଏ। ଚଳିତ ବର୍ଷ ଜଣେ ଶ୍ରଦ୍ଧାଳୁ ମା' ଦୁର୍ଗାଙ୍କ ପାଇଁ ଏକ ରୁପା ମୁକୁଟ ପ୍ରଦାନ କରିବେ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି। ଚଳିତ ବର୍ଷ ସଞ୍ଜିତ କୁମାର ପଣ୍ଡା ପୂଜା କମିଟିର ସଭାପତି ଏବଂ ବିଦ୍ୟାଧର ଜେନା ସମ୍ପାଦକ ଭାବେ ଦାୟିତ୍ୱ ତୁଲାଉଛନ୍ତି। ତପନ କୁମାର ଦାସ, ମନୋରଞ୍ଜନ କବାଟ, ଶୁଭେନ୍ଦୁ ପଣ୍ଡା, ବିଜୟ ପଟ୍ଟନାୟକ, ପ୍ରେମାନନ୍ଦ ପାଲ ପ୍ରମୁଖ ଅନ୍ୟ ସଭ୍ୟମାନେ ସହଯୋଗ କରୁଛନ୍ତି। ମୁର୍ଗାବାଡି ପୂଜା କମିଟି ପାରମ୍ପରିକ ପୂଜା ସଂସ୍କୃତିକୁ ଗୁରୁତ୍ୱ ଦେଇ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି।

## ବଡସାହିରେ ଖଣ୍ଡାୟତ ସମ୍ମିଳନୀ

**ବଡସାହି,୭।୧୦(ଡି.ଏନ୍.ଏ./ସ୍ୱ.ପ୍ର.)**



ଉପସ୍ଥିତ ଅତିଥିମାନେ।

ବଡସାହିସ୍ଥିତ ରୁଦ୍ରାଲୀ ମଣ୍ଡପରେ ଏକ ଖଣ୍ଡାୟତ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ଶିକ୍ଷକ ରାଜେନ୍ଦ୍ର କୁମାର ଜେନା ଏଥିରେ ସଭାପତିତ୍ୱ କରିଥିଲେ। ଅନ୍ୟତମ ଅତିଥି ଭାବେ ବେତନଟୀ ଶାଖା ସଦସ୍ୟ ମନୋରଞ୍ଜନ ପରିଡା ଓ କୌଶିକ ଗୋଛାୟତ, ଡା ସୁବୋଧ କୁମାର ଦାଶ, ବଡସାହି ଶାଖା ଆବାହକ ଶୁଶାନ୍ତ ବିଶ୍ୱାଳ ପ୍ରମୁଖ ଯୋଗଦେଇ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ବେତନଟୀ, ସଠିଲୋ, ବାହାନଡା, କଇଁଶାଳୀ, କୁଳିଅଣା, ମାରକୁଣ୍ଡି, ତାଳପଦା, ଦେଉଳିଆ, ଚାନ୍ଦଡିହା, ଛେଳିଆ, ପାଇକପଡା, ଆଗ୍ରିଆ ଆଦି ଗ୍ରାମରୁ ୬୫ ଜଣ ଖଣ୍ଡାୟତ ଏଥିରେ ଯୋଗଦାନ କରିଥିଲେ। ବିଭିନ୍ନ ସମୟରେ ସମାଜରେ ସମରସତା ଜାଗରୁକ କରିବାରେ ଖଣ୍ଡାୟତ ମାନେ ପ୍ରମୁଖ ଭୂମିକା ଗ୍ରହଣ କରୁଥିଲେହେଁ ଅନେକ ସମୟରେ ନିଜନିଜ ଭିତରେ ସମନ୍ୱୟ ରହୁନାହିଁ। ଇତିହାସ ସ୍ୱୀକୃତ ଲଢୁଆ ଜାତି ଭାବେ ସ୍ୱତନ୍ତ୍ର ପରିଚୟ ଥିବା ସତ୍ତ୍ୱେ ଖଣ୍ଡାୟତ ଆଜି ବହୁଳ ଭାବେ ଉପେକ୍ଷିତ। ତେଣୁ ପୁଣି ସଂଗଠିତ ହେବାର ବେଳ ଆସିଛି ବୋଲି ବକ୍ତା ମାନେ ପ୍ରକାଶ କରିଥିଲେ। ପରେ ବିଭିନ୍ନ ପଞ୍ଚାୟତରୁ ଲୋକଙ୍କୁ ନେଇ ବ୍ଲକ ସ୍ତରୀୟ ୧୧ ଜଣିଆ କମିଟି ଗଠନ କରାଯାଇଛି। ପର ବୈଠକରେ ଅନ୍ୟ କର୍ମକର୍ତ୍ତା ଚୟନ କରାଯିବ ବୋଲି ବଡସାହି ଶାଖା ଯୁଗ୍ମ ଆବାହକ ଚନ୍ଦ୍ରଶେଖର ମହାପାତ୍ର କହିଛନ୍ତି।

## ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ଯଶିପୁର, ୭।୧୦(ଡି.ଏନ.ଏ.)**

ଯଶିପୁର ବ୍ଲକ ଅନ୍ତର୍ଗତ ଧୋବାଡିହା ଉପ୍ରା ବିଦ୍ୟାଳୟରେ ରବିବାର ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ନୀଳମଣି ମହାନ୍ତଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବେ ଉଚ୍ଚ ପ୍ରାଥମିକ ସଂଘର ସଭାପତି ଛତିଶ ଚନ୍ଦ୍ର ବାରିକ ଯୋଗଦେଇଥିଲେ। ମୁଖ୍ୟ ବକ୍ତା ଭାବେ ବିଇଡି ଶିକ୍ଷକ ସଂଘ ସାଧାରଣ ସମ୍ପାଦକ ସନ୍ତୋଷ କୁମାର ମିଶ୍ର ଯୋଗଦେଇଥିଲେ। ସମ୍ମାନନୀୟ ଅତିଥି ଭାବେ ପୂର୍ବତନ ଶିକ୍ଷକ ନେତା ଭାଗିରଥି ବାରିକ, ଶିକ୍ଷକ ବସନ୍ତ କୁମାର ନାୟକ, ଶିକ୍ଷକ ଅମୀୟ କୁମାର ମିଶ୍ର ପ୍ରମୁଖ ଯୋଗଦେଇ ପ୍ରଧାନ ଶିକ୍ଷକ ମହାନ୍ତଙ୍କର ଗୁଣଗାନ କରିବା ସହ ଅବସର ତାଙ୍କ ଜୀବନ ସୁଖମୟ ହେଉବୋଲି ଭଗବାନଙ୍କ ଠାରେ ପ୍ରାର୍ଥନା କରିଥିଲେ।



## ବନ୍ୟପ୍ରାଣୀ ସୁରକ୍ଷା ସପ୍ତାହ ପାଳିତ

**ଉଦଳା,୭।୧୦(ଡି.ଏନ.ଏ.)**

ଉଦଳା ଉଚ୍ଚ ବିଦ୍ୟାଳୟ ଇକୋ କ୍ଲବ ଦ୍ୱାରା ବିଦ୍ୟାଳୟ ପରିସରରେ ରବିବାର ବନ୍ୟପ୍ରାଣୀ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି । ଏହି ଅବସରରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗୌତମ କୁମାର ପାତ୍ରଙ୍କ ସଭାପତିତ୍ୱରେ ଏକ ବୈଠକର ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଏମପିସି ସ୍ୱୟଂ ଶାସିତ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ହରିହର ଦାସ, ମୁଖ୍ୟବକ୍ତା ଭାବେ ଜିଲା ପରିବେଶ ସମିତିର ଉପାଧ୍ୟକ୍ଷ ସନ୍ତୋଷ ମହାନ୍ତି, ସମ୍ମାନନୀୟ ଅତିଥି ଭାବେ ପରିବେଶବିତ୍ ନରୋତ୍ତମ ଦାସ ଯୋଗ ଦେଇ ପରିବେଶର ସୁରକ୍ଷା ସାଙ୍ଗକୁ ପୃଥିବୀକୁ ସବୁଜ, ସୁନ୍ଦର ଏବଂ ସଜୀବ ରଖିବାରେ ବନ୍ୟପ୍ରାଣୀଙ୍କର ମହତ୍ତ୍ୱପୂର୍ଣ୍ଣ ଯୋଗଦାନ ସମ୍ପର୍କରେ ଆଲୋଚନା କରିଥିଲେ । ଇକୋ କ୍ଲବର ସଦସ୍ୟ ଭାରପ୍ରାପ୍ତ ଶିକ୍ଷକ ବନ୍ୟପ୍ରାଣୀ ସୁରକ୍ଷା ସପ୍ତାହର ତାତ୍ପର୍ଯ୍ୟ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ଦେବା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ । ପ୍ରଧାନଶିକ୍ଷକ ନିଜର ଅଭିଭାଷଣରେ ଖାଦ୍ୟଶୃଙ୍ଖଳ ସନ୍ତୁଳନ ରକ୍ଷାରେ ପ୍ରତ୍ୟେକ ଜୀବଜନ୍ତୁଙ୍କର ଭୂମିକା ରହିଥିବାରୁ ଜୈବ ବିବିଧତାର ସୁରକ୍ଷା ପାଇଁ ଉଦ୍ୟମ କରିବାକୁ ଛାତ୍ରମାନଙ୍କୁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ଛାତ୍ରମାନଙ୍କ ମଧ୍ୟରେ ଜୀବଜନ୍ତୁ ଆମର ବନ୍ଧୁ ଶୀର୍ଷକ ଚିତ୍ରାଙ୍କନ ଓ କବିତା ଲିଖନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । କୃତୀ ଛାତ୍ରମାନଙ୍କୁ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ଇକୋ କ୍ଲବ ତରଫରୁ ପୁରସ୍କୃତ କରାଯିବ ବୋଲି ବୈଠକରେ ସୂଚନା ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷକ ମୃତ୍ୟୁଞ୍ଜୟ ମହାନ୍ତି, କର୍ମଚାରୀ ବଙ୍କିମ ଚରଣ ପାତ୍ର, ଆକାଶ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ୩୬ ୟୁନିଟ୍ ରକ୍ତ ସଂଗୃହୀତ



**ଉଦଳା, ୭।୧୦(ଡି.ଏନ.ଏ.)**

ଉଦଳା ସତ୍ୟସାଇ ସେବା ସମିତି ପକ୍ଷରୁ ରବିବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ସମୁଦାୟ ୩୬ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ସତ୍ୟସାଇ ସେବା ସମିତିର ଆବାହକ ଅନ୍ତର୍ଯ୍ୟାମୀ ମୁଦୁଲିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରକ୍ତଦାନ ଶିବିର ଅର୍ଥାତ୍ ଅମୃତ ବିନ୍ଦୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବହୁ ସ୍ୱେଚ୍ଛାକୃତ ରକ୍ତଦାତା ରକ୍ତଦାନ କରିଥିଲେ । ଏହି ଶିବିରରେ ଉଦଳା ରକ୍ତ ଭଣ୍ଡାର କର୍ମଚାରୀଙ୍କ ଦ୍ୱାରା ରକ୍ତଦାତାମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହିତ ଆନୁଷଙ୍ଗିକ କାର୍ଯ୍ୟ ସମାପନ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ପରିଚାଳନାରେ ଆଧ୍ୟାତ୍ମିକ ସଂଯୋଜକ ସୁବଳ କୁମାର ବେହେରା, ସେବା ସଂଯୋଜକ ରୁନୁ ଗୋପାଲ ରାୟ, ଶଶିକାନ୍ତ ମିଶ୍ର, ରାଜେନ୍ଦ୍ର ବେହେରାଙ୍କ ସମେତ ସମିତିର ମହିଳା ପୁରୁଷ ସଦସ୍ୟମାନେ ସହଯୋଗ କରିଥିଲେ ।

## ବାଇକ୍ ଧକ୍କା, ୨ ଆହତ

**ବଡ଼ସାହି,୭।୧୦(ସ୍ୱ.ପ୍ର.)**–ମୟୂରଭଞ୍ଜ ଜିଲା ବଡ଼ସାହି–ବେତନଟୀ ରାସ୍ତାର କଇଁଶାଳୀ ଠାରେ ଦୁଇ ବାଇକ ମୁହାଁମୁହିଁ ହେବାରୁ ୨ଜଣ ଆହତ ହୋଇଛନ୍ତି । ଆହତମାନେ ହେଲେ ମାରକୁଣ୍ଡି ଗ୍ରାମର ଗିରୀଶ ବେହେରା ଓ ବଣତାଳପଦା ଗ୍ରାମର ଅଜୟ କୁମାର ବେହେରା। ସ୍ଥାନୀୟ ଲୋକେ ଆହତମାନଙ୍କୁ ଅଗ୍ନିଶମ ଗାଡି ସହାୟତାରେ ବଡ଼ସାହି ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି । ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି।

## ଜିଲାସ୍ତରୀୟ କ୍ରିକେଟ ଚୟନ ପ୍ରତିଯୋଗିତା

**ବାଙ୍ଗିରିପୋଷି, ୭।୧୦(ଡି.ଏନ.ଏ.)**

ବାଙ୍ଗିରିପୋଷି ବ୍ଲକର ଶ୍ୟାମସୁନ୍ଦରପୁର ପଂଚାୟତ ଅଂଳାଗୁଛିତ ସରସ୍ୱତି ଉଚ୍ଚ ବିଦ୍ୟାଳୟରେ ୬୪ତମ ମୟୂରଭଞ୍ଜ ଜିଲାସ୍ତରୀୟ କ୍ରିକେଟ ଚୟନ ପ୍ରତିଯୋଗିତା ରବିବାର ଉଦ୍‌ଘାଟିତ ହୋଇଯାଇଛି। ମୟୂରଭଞ୍ଜ ଜିଲା ଶିକ୍ଷା ଅଧିକାରୀ ରଞ୍ଜନ କୁମାର ଗିରିଙ୍କ ମାର୍ଗଦର୍ଶନରେ ଆୟୋଜକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଶୋକ କୁମାର ଗିରିଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ବାଙ୍ଗିରିପୋଷି ବିଧାୟକ ସୁଦାମ ମାର୍ଣ୍ଡି ଯୋଗଦେଇ କ୍ରିଡାବିତଙ୍କୁ ଉତ୍ତମ ଖେଳାଳି ରୂପେ ନିଜକୁ ଗଢି ତଳି ରାଜ୍ୟ ତଥା ଜାତୀୟ ସ୍ତରରେ ସୁନାମ ଅର୍ଜନ ପାଇଁ ଉପଦେଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ବାଙ୍ଗିରିପୋଷି ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟର ସତ୍ୟନାରାୟଣ ସାମଲ ଯୋଗଦେଇଥିଲେ। ଜିଲା ଶାରିରୀକ ଶିକ୍ଷା ପରିଦର୍ଶକ ଭାଗିରଥି ମଲ୍ଲିକ ପ୍ରତିଯୋଗିତାରେ ନିୟମାବଳୀ ଉଲ୍ଲେଖ କରିଥିଲେ। ସମ୍ମାନନୀୟ ଅତିଥି ଭାବେ ସୁବୋଧ ମାର୍ଣ୍ଡି, ଚିତ୍ତରଞ୍ଜନ ନାଏକ, ପଞ୍ଚାୟତ ସମିତି ସଭ୍ୟା ନିରୁପମା ନାଏକ, ବିଦ୍ୟାଳୟର ପରିଚାଳନା କମିଟି ସଭାପତି ଲକ୍ଷ୍ମୀଧର ନାଏକ ପ୍ରମୁଖ ଯୋଗଦେଇଥିଲେ। ଜିଲା ଶାରିରୀକ ଶିକ୍ଷା ଶିକ୍ଷକ ସଂଘର ଉପସଭାପତି ମିନତୀ ଜେନା ଅତଥି ପରିଚୟ ଦେଇଥିବା ବେଳେ ଆୟୋଜିତ ବିଦ୍ୟାଳୟର ଶିକ୍ଷକ ହରିହର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। କ୍ରିକେଟ ପ୍ରତିଯୋଗିତାରେ ଚୟନ ବିଚାରକ ରୂପେ ନବ କିଶୋର ଦଣ୍ଡ ପାଟ,ଦେବେନ୍ଦ୍ର ମହାନ୍ତ, ବିଶ୍ୱଜିତ ବିଶ୍ୱଳ, ଉମାକାନ୍ତ ବେହେରା, ଅଜୟ ବାରିକ, ସୁନିଲ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ମୟୂରଭଞ୍ଜ ଜିଲାର ବିଭିନ୍ନ ବ୍ଲକରୁ ୧୨୬ ବାଳକ, ୫୫ ବାଳିକା, ୩୧ ଜଣ ମ୍ୟାନେଜର ଯୋଗଦେଇଛନ୍ତି।

## ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ

**ରାଇରଙ୍ଗପୁର,୭।୧୦(ଡି.ଏନ.ଏ.)**

ରାଇରଙ୍ଗପୁର ମହିଳା ମହାବିଦ୍ୟାଳୟ ପରିସରରେ ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ରାଇରଙ୍ଗପୁର ଉପଜିଲାପାଳ ଧର୍ମାନନ୍ଦ ବେହେରା, ଏବି ମହାବିଦ୍ୟାଳୟର ଅଧ୍ୟକ୍ଷ ସୀତାକାନ୍ତ ବେହେରା ପ୍ରମୁଖ ଯୋଗ ଦେଇ ଭୋଟାର ତାଲିକା ସଂଶୋଧନ ଉପରେ ଆଲୋକପାତ କରିଥିଲେ। ନିର୍ବାଚନ ଭୋଟଦାନ ସକାଶେ ଭୋଟର ତାଲିକାରେ ସାମିଲ ହେବାକୁ ସେ ଉଲ୍ଲେଖ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଅଧ୍ୟାପକ ବିଜୟ କୁମାର ରାମ ପରିଚାଳନା କରିଥିଲେ।

## ଜାତୀୟ ଚିତ୍ରାଙ୍କନ: ଭାଗନେଲେ ୨୫୦ ଛାତ୍ରୀଛାତ୍ର

**ବାରିପଦା ଅଫିସ,୭।୧୦**

ମୟୂରଭଞ୍ଜ ଜିଲା ସଦର ମହକୁମା ବାରିପଦାସ୍ଥିତ ଇଣ୍ଡୋର ଷ୍ଟାଡିୟମଠାରେ ରବିବାର ଜାତୀୟ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜିଲାରେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ୫ ରୁ ୧୮ ବର୍ଷ ବୟସର ୨୫୦ ଛାତ୍ରୀଛାତ୍ର ପ୍ରତିଯୋଗିତାରେ ଭାଗ ନେଇଥିଲେ। ଓଡ଼ିଶା ରାଜ୍ୟ ଶିଶୁ କଲ୍ୟାଣ ପରିଷଦ ସହାୟତାରେ ମୟୂରଭଞ୍ଜ ଜିଲା ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ଆୟୋଜିତ ପ୍ରତିଯୋଗିତାକୁ ଜିଲାପାଳ ବିନିତ ଭରଦ୍ୱାଜ ଉଦ୍‌ଘାଟନ କରିଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ମମତାମୟୀ ବିଶ୍ୱାଳ, ଜିଲା କ୍ରୀଡା ଅଧିକାରୀ ପ୍ରଦୀପ କୁମାର ବେହେରା ଓ ଶିଶୁ ମଙ୍ଗଳ ସମିତି ସଦସ୍ୟ ଜୀବନ କୃଷ୍ଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ କୃତୀ ପ୍ରତିଯୋଗୀମାନେ ରାଜ୍ୟ ଓ ଜାତୀୟ ସ୍ତର ପ୍ରତିଯୋଗିତାରେ ଭାଗ ନେବେ। କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପୁରସ୍କୃତ କରାଯିବ ବୋଲି ଜିଲା ଶିଶୁ ସୁରକ୍ଷା ଅଧିକାରୀ ବିଶ୍ୱାଳ ସୂଚନା ଦେଇଛନ୍ତି।


ଉଦ୍‌ଘାଟନ ସମାରୋହରେ ଜିଲାପାଳ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଓ ଜିଲା କ୍ରୀଡା ଅଧିକାରୀ।

## ନିଃଶୁଳ୍କ ଡାଏଲିସିସ୍ ସେବା ଆରମ୍ଭ

**ବାରିପଦା ଅଫିସ,୭।୧୦–** ବାରିପଦା ସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ନିଃଶୁଳ୍କ ଡାଏଲିସିସ୍ ସେବା ରବିବାର ଉଦ୍‌ଘାଟିତ ହୋଇଛି। ବାରିପଦା ବିଧାୟକ ତଥା ଉପବାଚସ୍ପତି ସାନନ୍ଦ ମାରାଣ୍ଡି ମୁଖ୍ୟ ଅତିଥି ଏବଂ ଜିଲାପାଳ ବିନୀତ ଭରଦ୍ୱାଜ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏବଂ ରାହି କେୟାର ପ୍ରାଇଭେଟ ଲିମିଟେଡ ପକ୍ଷରୁ ପିପିପି ମୋଡରେ ଏହି ସେବା ଆରମ୍ଭ କରାଯାଇଛି।


ଉପବାଚସ୍ପତି ଉଦ୍‌ଘାଟନ କରୁଛନ୍ତି।

**ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା**

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ balasoreselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।



### ସେଲ୍‌ଫି କର୍ନର


@ ନିରଞ୍ଜନ


@ ଶ୍ରୀନୁ


@ ମନୀଷ

**ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | balasoreselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

## ସଂକ୍ଷେପରେ

### ରାକେଶ ସମ୍ବର୍ଦ୍ଧିତ

**ଭଣ୍ଡାରିପୋଖରୀ,୭।୧୦(ଡି.ଏନ.ଏ.):** ସୌରଚାଳିତ ସାଇକେଲ ଓ ଟ୍ରାଇସାଇକେଲ ନିର୍ମାଣ କରି ଚର୍ଚ୍ଚାକୁ ଆସିଥିବା ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଅଧୀନ ତେସିଙ୍ଗା ପଞ୍ଚାୟତ କୁଲଣା ଗ୍ରାମର ଯୁବ ଇଞ୍ଜିନିୟର ରାକେଶ ନାୟକଙ୍କୁ ସମ୍ବର୍ଦ୍ଧନାର ସୁଅ ଛୁଟିଛି। ତାଙ୍କର ଏହି ସଫଳତା ପାଇଁ ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷ ସମ୍ବର୍ଦ୍ଧନା ଜଣାଉଛନ୍ତି। ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ଅବସରରେ ଭୁବନେଶ୍ୱରସ୍ଥିତ ଲୋହିଆ ଏକାଡେମୀଠାରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଏହି ସଫଳତା ପାଇଁ ରାକେଶଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ପ୍ରଭାରୀ ଜିତେନ୍ଦ୍ର ସିଂ, ମିଡିଆ ସେଲ୍ ଅଧ୍ୟକ୍ଷ ସତ୍ୟପ୍ରକାଶ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ଯୁବକ ଗିରଫ: ୧୦ରୁ ଊର୍ଦ୍ଧ୍ୱ ମୋବାଇଲ ଜବତ

**ବାସୁଦେବପୁର, ୭।୧୦(ଡି.ଏନ.ଏ.):** ଭଦ୍ରକ ଜିଲା ବାସୁଦେବପୁର ସହରର ଧାମରା ରୋଡରୁ ଏକ ମୋବାଇଲ ଦୋକାନରୁ ଗତ ଶୁକ୍ରବାର ରାତିରେ ହୋଇଥିବା ଚୋରି ଘଟଣାରେ ସମ୍ପୃକ୍ତ ଯୁବକଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଯୁବକ ହେଲେ ବାସୁଦେବପୁର ଗ୍ରାମର ଦେବେନ୍ଦ୍ର ଦାସ(୩୮)। ପୋଲିସ ତାଙ୍କଠାରୁ ୧୦ରୁ ଊର୍ଦ୍ଧ୍ୱ ଚୋରି ମୋବାଇଲ ଜବତ କରିଛି। ମୋବାଇଲ ଦୋକାନୀ ଶିବଶଙ୍କର ମଣ୍ଡଳଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା(ନଂ.୨୭୭/୧୮) ରୁଜୁ କରିଛି।

### ବିଜେଡିର ଜନସମ୍ପର୍କ ପଦଯାତ୍ରା

**ଭଣ୍ଡାରିପୋଖରୀ,୭।୧୦(ଡି.ଏନ.ଏ.):** ଭଣ୍ଡାରିପୋଖରୀ ବ୍ଲକ ପାଟୁଳି ପଞ୍ଚାୟତରେ ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା କରାଯାଇଛି। ବିଜେଡିର ଭଣ୍ଡାରିପୋଖରୀ ବ୍ଲକ ଶାଖା ସଭାପତି ଲକ୍ଷ୍ମୀଧର ନାୟକ ଏହାର ନେତୃତ୍ୱ ନେଇଥିଲେ। ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଣୀତକାନ୍ତ ସାମଲ, ପଞ୍ଚାୟତ ସଭାପତି ଜୟନ୍ତ ମହାନ୍ତି, ଅଭୟ ବେହେରା, ମନୋଜ ଜେନା, ଲକ୍ଷ୍ମୀଧର ସାହୁ, ଗଗନ ସେଠୀ, ସତ୍ୟାନନ୍ଦ ମହାପାତ୍ର ପ୍ରମୁଖ ନଗୁଁଆ, ବିଷ୍ଣୁପୁର, ପାଟୁଳି ପଞ୍ଚାୟତର ବିଭିନ୍ନ ଗ୍ରାମ ପରିକ୍ରମା କରିଥିଲେ। ସେମାନେ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଇବା ସହ ଲୋକଙ୍କ ବିଭିନ୍ନ ସମସ୍ୟା ପଚାରି ବୁଝିଥିଲେ। ଏହି ପଦଯାତ୍ରା ପର୍ଯ୍ୟାୟକ୍ରମେ ବ୍ଲକର ସବୁ ପଞ୍ଚାୟତ ପରିକ୍ରମା କରି ଆସନ୍ତା ନଭେମ୍ବର ୨ ତାରିଖରେ ଶେଷ ହେବ।

### ବରିଷ୍ଠ ନାଗରିକ ଦିବସ

**ଧାମନଗର,୭।୧୦ (ଡି.ଏନ.ଏ.):** ଧାମନଗର ବ୍ଲକ ଧୂଷୁରୀ ବରିଷ୍ଠ ନାଗରିକ ମଞ୍ଚ ତରଫରୁ ବରିଷ୍ଠ ନାଗରିକ ଦିବସ ସଂସଦ ପରିସରରେ ଶୁକ୍ରବାର ପାଳିତ ହୋଇଯାଇଛି। ହୃଷିକେଶ ବଳଙ୍କ ଅଧ୍ୟକ୍ଷତାରେ ଚନ୍ଦ୍ର ଶେଖର ନାୟକ, ବାବାଜୀ ଚରଣ ପଣ୍ଡା, ପ୍ରଦୀପ୍ତ କିଶୋର ଦାସ, ପରମାନନ୍ଦ ନାୟକ ଦୁର୍ଯ୍ୟୋଧନ ତରାଇ, ନୃସିଂହ ଚରଣ ନାୟକ, ଯୁଧିଷ୍ଠିର ମହାପାତ୍ର, ବୃନ୍ଦାବନ ବାରିକ, ଜଗନ୍ନାଥ ମଲ୍ଲିକ, ମଦନ ମୋହନ ପତି ପ୍ରମୁଖ ଯୋଗ ଦେଇ ବରିଷ୍ଠ ନାଗରିକଙ୍କର ସମସ୍ୟା ପ୍ରକାଶ କରିଥିଲେ । ସର୍ବସମ୍ମତି କ୍ରମେ ମଞ୍ଚର ମୁଖପାତ୍ର ଭାବେ ପ୍ରଦୀପ୍ତ କିଶୋର ଦାସଙ୍କୁ ମନୋନୀତ କରାଯାଇଥିଲା ।

### ଉଜ୍ଜ୍ୱଳା ଲାଭାର୍ଥୀ ସମାବେଶ



**ଭଣ୍ଡାରିପୋଖରୀ,୭।୧୦(ଡି.ଏନ.ଏ.):** ଭଣ୍ଡାରିପୋଖରୀ ବ୍ଲକ ଅଧୀନ ଛତାବର ଛକଠାରେ ଉଜ୍ଜ୍ୱଳା ଲାଭାର୍ଥୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ସୁବର୍ଣ୍ଣମୁଖୀ ମଣ୍ଡଳ ସଭାପତି ପ୍ରଦୀପ ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ଭାଜପା ମହିଳା ମୋର୍ଚ୍ଚା ସଭାନେତ୍ରୀ ତପସ୍ୱିନୀ ମହାପାତ୍ର, ସ୍ଥାନୀୟ ସରପଞ୍ଚ ବିଜୟ କୁମାର ସ୍ୱାଇଁ, ବସନ୍ତ ରାଉତ, ପ୍ରହ୍ଲାଦ ସାହୁ, ପ୍ରଦ୍ୟୁମ୍ନ ସେନାପତି, ସାଇରେଣୁ ଗ୍ୟାସ୍ ବିତରକ ପରିଚାଳକ ଚିନ୍ମୟ କୁମାର ଦାସ ପ୍ରମୁଖ ଯୋଗଦେଇ ମହିଳାଙ୍କୁ କେନ୍ଦ୍ର ସରକାର ସୁଲଭ ମୂଲ୍ୟରେ ଗ୍ୟାସ ଯୋଗାଇ ଦେଉଥିବା କହିଥିଲେ। ମହିଳାମାନେ ଏହାର ଫାଇଦା ଉଠାଇବାକୁ ସେମାନେ ପରାମର୍ଶ ଦେଇଥିଲେ। ଛତାବର ଜନସେବା କେନ୍ଦ୍ର ପରିଚାଳକ ଭଗବାନ ସାମଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶତାଧିକ ମହିଳା ସମାବେଶରେ ଯୋଗଦେଇଥିଲେ।

# ୨୦୦ ବର୍ଷର 'ନିଆରା ପାର୍ବଣ'

(ଅଶୋକ କୁମାର ପଣ୍ଡା)
ଚାନ୍ଦବାଲି,୭।୧୦(ଡି.ଏନ.ଏ.)

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅଧୀନ ମତୋ ପଞ୍ଚାୟତ ବଳଭଦ୍ରପୁର ଶାସନରେ ପ୍ରାୟ ୨୦୦ ବର୍ଷ ଧରି ନିଆରା ପ୍ରାଚୀନ ପାର୍ବଣ ପରମ୍ପରାର ଝଲକ ଦେଖିବାକୁ ମିଳେ। ଗାଁ ଲୋକେ ମିଳିମିଶି ପ୍ରତିବର୍ଷ ପିଠାପଣା ଓ ବିଭିନ୍ନ ଭୋଗରାଗ ପ୍ରସ୍ତୁତ କରି ଏହି ଉତ୍ସବକୁ ପାଳନ କରି ଆସୁଛନ୍ତି। ଗାଁରେ ଥିବା ମା' ପାର୍ବତୀଙ୍କ ପୀଠ ୧୬ ଦିନ ଧରି ଉତ୍ସବମୁଖର ହୋଇ ଉଠିଥାଏ। ଶିକ୍ଷିତ ଯୁବକମାନେ ଜୀବନ ଜୀବିକା ଲାଗି ପରିବାର ନେଇ ଗାଁ ଛାଡି ଦୂର ସ୍ଥାନକୁ ଚାଲି ଯାଉଥିଲେ ମଧ୍ୟ ପୂଜାରେ ଅନୁସୃତ ପରମ୍ପରା ଓ ପିଠାପଣା ଭୋଗର ଆକର୍ଷଣ ଆଜି ବି ଅତୁଟ ରହିଛି ବୋଲି ଗାଁର ପୁରୁଖା ଲୋକେ କହନ୍ତି।

ଭଦ୍ରକ-ଚାନ୍ଦବାଲି ମୁଖ୍ୟ ସଡକକୁ ଲାଗି ରହିଛି ଏହି ବଳଭଦ୍ରପୁର ଗ୍ରାମ। ପ୍ରବେଶ ପଥରେ ମା' ପାର୍ବତୀଙ୍କ ମନ୍ଦିର। ଗାଁର ଦକ୍ଷିଣ ପଟେ ଶ୍ମଶାନ। କଥିତ ଅଛି ଯେ, କନିକା ରାଜ ପରିବାର ଦ୍ୱାରା ଏହି ଗ୍ରାମ ପ୍ରତିଷ୍ଠିତ ହେବା ପରେ ଅଧିଷ୍ଠାତ୍ରୀ ଦେବୀ ମା' ପାର୍ବତୀଙ୍କ ପୀଠରେ ୧୬ ଦିନ ବ୍ୟାପୀ ପାର୍ବଣ ପାଳିତ ହୋଇଆସୁଛି। ଗାଁରେ ଥିବା ଷୋହଳ ବ୍ରାହ୍ମଣ ପରିବାର ପକ୍ଷରୁ ପାଳିକରି ମା'ଙ୍କର ବିଭିନ୍ନ ପୂଜାନୀତି ପାଳନ କରିଥାନ୍ତି। ଏବେ ଗାଁ ଲୋକଙ୍କ ସହଯୋଗରେ ମୂଳାଷ୍ଟମୀରୁ ମହାନବମୀ ପର୍ଯ୍ୟନ୍ତ ପାର୍ବଣ ପୂଜା ପ୍ରତିବର୍ଷ ଆୟୋଜନ କରାଯାଉଛି। ଆଖପାଖ ଅଞ୍ଚଳର ଭକ୍ତଙ୍କର ଭିଡ ଲାଗି ରହୁଛି। ପାର୍ବଣ ପାଖେଇ ଆସିଲେ, ଗାଁ ଲୋକେ ସପ୍ତାହକ ଆଗରୁ ଏଥିଲାଗି ପ୍ରସ୍ତୁତି ଆରମ୍ଭ କରିଥାନ୍ତି। ସମସ୍ତେ ଉତ୍ସାହ ଉଦ୍ଦୀପନାର ସହ ପୂଜା ପାଇଁ ଲାଗି ପଡନ୍ତି। ଗାଁକୁ ମଧ୍ୟ କୁଣିଆ ମଇତ୍ରଙ୍କ ଧାଡି ଛୁଟେ।

ବଳଭଦ୍ରପୁର ପାର୍ବତୀଙ୍କ ପୀଠର ବିଶେଷତ୍ୱ ହେଲା, ଶାରଦୀୟ ପୂଜାରେ ଏଠି ବିଭିନ୍ନ ପ୍ରକାରର ପିଠାପଣା ସାଙ୍ଗକୁ ଅନ୍ନଭୋଗ ଲାଗି ହୋଇଥାଏ । ପ୍ରତି ସନ୍ଧ୍ୟାରେ ଚଣ୍ଡିପାଠ ହୁଏ। ପାର୍ବତୀଙ୍କ ପଥର ମୂର୍ତ୍ତିକୁ ବନଦୁର୍ଗା ବେଶରେ ସଜ୍ଜା ଯାଇଥାଏ। ଏହି ଅପୂର୍ବ ବେଶ ସନ୍ଦର୍ଶନ କରି ଭକ୍ତମାନେ ମା'ଙ୍କ ଶରଣାପନ୍ନ ହୋଇଥାନ୍ତି। କେବଳ ମହାଷ୍ଟମୀ ଦିନ ଦେବୀ ସିଂହବାହିନୀ ବେଶରେ ପୂଜା ପାଆନ୍ତି।

ପୂର୍ବରୁ ପାର୍ବଣରେ ଗାଁର ମନ୍ଦିର ଆଗରେ ପ୍ରତି ରାତିରେ ସଂଗୀତ ଆସର ଜମୁଥିଲା । ବାହାରୁ ଭକ୍ତମାନେ ଆସି ରାତିରେ ପ୍ରସାଦ ପାଉଥିଲେ। ଏବେ ତାହା କେତେକାଂଶରେ ସଙ୍କୁଚିତ ହୋଇପଡିଛି। ଏହା ସତ୍ତ୍ୱେ ଗାଁ ଲୋକେ ପୁରୁଣା ପରମ୍ପରାକୁ ବଞ୍ଚାଇ ରଖି ପାର୍ବଣର ମହକ ବାଣ୍ଟୁଛନ୍ତି। ତେବେ ଶାରଦୀୟ ପୂଜାରେ ଆଗଭଳି ଆଉ ପିଠାପଣା ପ୍ରସ୍ତୁତି ଲାଗି ଆଗ୍ରହ ଦେଖିବାକୁ ମିଳୁନାହିଁ ବୋଲି କେତେକ ପୁରୁଖା ବ୍ୟକ୍ତି କହିଛନ୍ତି।

- ଗାଁ ଲୋକ ମିଳିମିଶି ପର୍ବ ପାଳୁଛନ୍ତି
- ପିଠାପଣା ଭୋଗ ଏଠି ଆକର୍ଷଣ



ବନଦୁର୍ଗା ବେଶରେ ମା'ପାର୍ବତୀ ।

### ଜନଶ୍ରୁତି କହେ...

ବଳଭଦ୍ରପୁର ଗାଁର ପ୍ରତିଷ୍ଠା ଓ ପାର୍ବତୀଙ୍କ ପୂଜାକୁ ନେଇ ଏକ ରୋଚକ ଜନଶ୍ରୁତି ରହିଛି । କନିକା ରାଜ ବଂଶର ୨୮ତମ ରାଜା ବଳଭଦ୍ର ଭଞ୍ଜ ଦେଓ(୧୮୦୩-୧୮୧୭)ଙ୍କ ନାମ ଅନୁସାରେ ଏହି ଗାଁର ନାମକରଣ କରାଯାଇଥିବା କୁହାଯାଏ। ସେତେବେଳେ ରାଜାଙ୍କ ଜାତକରେ ଥିବା କେତେକ ରିଷ୍ଟ ଖଣ୍ଡନ ଲାଗି ପଣ୍ଡିତମାନେଁ ଯେଉଁଠାରେ ଦକ୍ଷିଣରେ ଶ୍ମଶାନ ଥିବ ସେଠାରେ ଏକ ବ୍ରାହ୍ମଣ ଶାସନ ବସାଇ ଗୋପିନାଥ ଜୀଉଙ୍କୁ ଉପାସନା କରିବାକୁ ପରାମର୍ଶ ଦେଇଥିଲେ। ତଦନୁଯାୟୀ ରାଜା ପୁରୀ, ଯାଜପୁର ଓ କେନ୍ଦ୍ରାପଡାରୁ ୧୬ ବ୍ରାହ୍ମଣ ପରିବାରଙ୍କୁ ଆଣି ବଳଭଦ୍ରପୁର ଶାସନ ବସାଇଥିଲେ। ସେତେବେଳେ ୫୧୯ ଏକର ୮ ଡିସିମିଲ ନିଷ୍କର ଜମି ଖଞ୍ଜି ଦିଆଯାଇଥିଲା। ଗାଁର ଦକ୍ଷିଣରେ ଥିବା ଶ୍ମଶାନ ଜମିରେ ୧୯୪୮ ଓ ୧୯୫୬ ମସିହାରେ ଦୁଇଟି ବିଦ୍ୟାଳୟ ପ୍ରତିଷ୍ଠା ହୋଇଛି। ଗାଁର ପରିକ୍ଷୀତ ମିଶ୍ର କୁହନ୍ତି, ପୂର୍ବରୁ ନାଉଗୋରଡା ରତ୍ନେଶ୍ୱର ମହାଦେବଙ୍କ ନିକଟରେ ମା'ବନଦୁର୍ଗାଙ୍କ ମୂର୍ତ୍ତି ପୂଜା ପାଉଥିଲା। ପରେ ସେହି ବିଗ୍ରହକୁ ଆଣି ବଳଭଦ୍ରପୁର ବୈଦ୍ୟନାଥ ମହାଦେବଙ୍କ ନିକଟରେ ପ୍ରତିଷ୍ଠା କରାଯାଇ ମା' ପାର୍ବତୀଙ୍କ ରୂପରେ ପୂଜା କରାଯାଇ ଆସୁଛି।

### ବିଜେଡି ପକ୍ଷରୁ ମହିଳା ସମାବେଶ



ଚାନ୍ଦବାଲି,୭।୧୦(ଡି.ଏନ.ଏ.)

ବିଜେଡି ପକ୍ଷରୁ ଚାନ୍ଦବାଲିରେ ଏକ ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ଅଞ୍ଚଳରୁ ଆସିଥିବା ମହିଳାମାନେ ଦୁର୍ଗାପଡ଼ିଆରେ ଏକତ୍ର ହୋଇ ବିଭିନ୍ନ ସ୍ଲୋଗାନ ଦେଇ ସହର ପରିକ୍ରମା କରିଥିଲେ। ପରେ କାଳୀପଡ଼ିଆରେ ମହିଳାଙ୍କ ସମାବେଶ ହୋଇଥିଲା। ଏଥିରେ ମହିଳା ନେତ୍ରୀମାନେ ବିଜେଡି ସରକାର ପକ୍ଷରୁ ହୋଇଥିବା ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ତିହିଡି ପଞ୍ଚାୟତ ସମିତି ଅଧ୍ୟକ୍ଷା ବିଦ୍ୟୁତ୍‌ଲତା ନାୟକ, ଚାନ୍ଦବାଲି ପଞ୍ଚାୟତ ସମିତି ଅଧ୍ୟକ୍ଷା ମାନସୀ ସାହୁ, ସୁଲତା ଦେଓ, ସୁଲୋଚନା ଦାଶ, ଏଲିନା ଦାଶ, ମାନସୀ ପାଢୀ, ସୁପ୍ରଭା ରାୟ, ବିଧାୟକ ବ୍ୟୋମକେଶ ରାୟ, ଭଦ୍ରକ ଜିଲା ପରିଷଦ ଅଧ୍ୟକ୍ଷ ଦ୍ୱିଜବର ରାଉତ, ରାଜ୍ୟ ପରିଷଦ ସଦସ୍ୟ ଅଶୋକ ବଳ, ପ୍ରାକ୍ତନ ଜିଲା ପରିଷଦ ଅଧ୍ୟକ୍ଷ ଜଗନ୍ନାଥ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ।

## ହୋଇପାରୁନି ଆପ୍ରୋଚ ରୋଡ, କାମରେ ଆସୁନି ସେତୁ



ଆପ୍ରୋଚ ରୋଡ ନ ଥିବା ବିଜୁ ସେତୁ।

ବନ୍ତ,୭।୧୦(ସ୍ୱ.ପ୍ର.)

ଆପ୍ରୋଚ ରୋଡ଼ ନିର୍ମାଣ ହୋଇପାରୁ ନ ଥିବାରୁ ଭଦ୍ରକ ଜିଲା ବନ୍ତ ବ୍ଲକର ସାଳନ୍ଦୀ ନଦୀ ଉପରେ ଚାରିଗାଁ -ଚକ୍ରାପାଢୀକୁ ସଂଯୋଗ ପାଇଁ ନବନିର୍ମିତ ବିଜୁ ସେତୁ କାମରେ ଆସୁନାହିଁ। ଆଗରପଡା ବଜାରକୁ ଯିବା ପାଇଁ ଅଞ୍ଚଳବାସୀ ଦୀର୍ଘ ୮ କି.ମି. ଅଧିକ ରାସ୍ତା ବୁଲିଯିବାକୁ ବାଧ ହେଉଛନ୍ତି। ୨୦୧୪ ଜାନୁୟାରୀରେ ୪ କୋଟି ୬୬ ଲକ୍ଷ ୬୮ ହଜାର ୪୦୧ ଟଙ୍କା ବ୍ୟୟରେ ଉକ୍ତ ସେତୁ ନିର୍ମାଣ ସକାଶେ ଶିଳାନ୍ୟାସ ହୋଇ କାର୍ଯ୍ୟ ଆରମ୍ଭ ହୋଇଥିଲା। ଅହେତୁକ ବିଳମ୍ବ ଘଟି ସେତୁ ନିର୍ମାଣ ସରିଥିଲେ ବି ଆପ୍ରୋଚ ରୋଡ ନିର୍ମାଣ ନ ହେବା ଚିନ୍ତା ବଢାଇଛି। ଏ କ୍ଷେତ୍ରରେ ବ୍ୟକ୍ତିଗତ ଜାଗାକୁ ନେଇ ବିବାଦୀୟ ସ୍ଥିତି ଲାଗି ରହିଛି। ସମସ୍ୟା ସମାଧାନ ଦିଗରେ କାହାରି ଆନ୍ତରିକତା ଥିବା ପରି ମନେ ହେଉନାହିଁ । ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଅଗ୍ନିବିପନ୍ନଙ୍କୁ ସହାୟତା

ତିହିଡ଼ି,୭।୧୦(ଡି.ଏନ.ଏ.)

ଭଦ୍ରକ ଜିଲା ତିହିଡ଼ି ଯୁବମଞ୍ଚ ପକ୍ଷରୁ ସାବରଙ୍ଗ ଫାଣ୍ଡି ଅଧୀନ ସାନଗୋପାଳ ସାହିର ୪ ଅଗ୍ନିବିପନ୍ନ ପରିବାରକୁ ସହାୟତା ପ୍ରଦାନ କରାଯାଇଛି। ଶୁକ୍ରବାର ରାତିରେ ଅଗ୍ନିକାଣ୍ଡ ଘଟି ଗ୍ରାମର ଅନନ୍ତ ବାରିକ, କାଳନ୍ଦୀ ବାରିକ, ଅଜୟ ବାରିକ ଓ ବୁଲି ବାରିକଙ୍କ ପରିବାର ସର୍ବସ୍ୱାନ୍ତ ହୋଇ ଯାଇଥିଲେ। ଯୁବମଞ୍ଚର ସଭାପତି କୈଳାସ ବେହେରା, ସମ୍ପାଦକ ସତ୍ୟସୁନ୍ଦର ପତି, ଅନୀଲ ନାୟକ, ଦୀପକ ନାଥ, ନିରଞ୍ଜନ ବାରିକ, ସୟଦ ଇବ୍ରାହିମ, ରାଜକୁମାର ଓଝା, ସୁମନ ଦୀକ୍ଷିତ ପ୍ରମୁଖ ଏହି ପରିବାରଙ୍କୁ ସମବେଦନା ଜଣାଇବା ସହ ସହାୟତା ପ୍ରଦାନ କରିଥିଲେ।

## ଭାଗ ନେଲେ ୧୭୬ ଛାତ୍ରୀଛାତ୍ର

ଭଦ୍ରକ ଅଫିସ, ୭।୧୦




ଛାତ୍ରୀଛାତ୍ର ଚିତ୍ରାଙ୍କନ କରୁଛନ୍ତି।

ରବିବାର ଓଡ଼ିଶା ରାଜ୍ୟ ଶିଶୁ କଲ୍ୟାଣ ପରିଷଦ ତରଫରୁ ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଦ୍ୱାରା ଜିଲାସ୍କୁଲ ପରିସରରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ବିଦ୍ୟାଳୟ, ସ୍ୱତନ୍ତ୍ର ବିଦ୍ୟାଳୟ ଓ ଶିଶୁଯତ୍ନ ଅନୁଷ୍ଠାନର ମୋଟ ୧୭୬ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଦୁଇଟି ବିଭାଗ ସାଧାରଣ ଓ ସ୍ୱତନ୍ତ୍ର ବିଭାଗ ଦ୍ୱାରା ପ୍ରତିଯୋଗିତା ହୋଇଥିଲା। ଶିଶୁ ସୁରକ୍ଷା ବିଭାଗର ପ୍ରୋବେସନ ଅଧିକାରୀ ସୁବ୍ରତ ଦାସ ନୋଡାଲ ଅଫିସର ଦାୟିତ୍ୱରେ ଥିଲେ। ଶିଶୁ ସୁରକ୍ଷା ୟୁନିଟର ବିଶ୍ୱନାରାୟଣ ପଣ୍ଡା, ସ୍ୱାଗତିକା ବାରିକ, ସୁଷମା ମହାନ୍ତ. ଧୀରଜ ବାରିକଙ୍କ ସମେତ ଶିଶୁ ଅନୁଷ୍ଠାନର ହୃଷୀକେଶ ପଣ୍ଡା, ଧନଞ୍ଜୟ ଜେନା, ଜ୍ୟୋତିପ୍ରକାଶ ପତି, ସସ୍ମିତା ନାୟକ, ରଶ୍ମିରଞ୍ଜନ ବେହେରା, ମଧୁପ୍ରିୟା ଦାସ ପ୍ରମୁଖ ପର୍ଯ୍ୟବେକ୍ଷଣ ଦାୟିତ୍ୱରେ ଥିଲେ। ବିଚାରକ ଭାବେ ଭଦ୍ରକ ଚାରୁକଳା ମହାବିଦ୍ୟାଳୟର ଅଧ୍ୟକ୍ଷ ମନୋଜ ଭଟ୍ଟାଚାର୍ଯ୍ୟ, କଳା ଅନୁଦେଷ୍ଟା ନାରାୟଣ ବେହେରା, କଳାଶିକ୍ଷକ ଅଜୟ ଲେଙ୍କା ପ୍ରମୁଖ ଯୋଗଦେଇଥିଲେ। ଚକ୍ରଧର ମହାରଣା, ସତ୍ୟବ୍ରତ ପାତ୍ର, ରଞ୍ଜନ ମଲ୍ଲିକ, ଗୌରଶଙ୍କର ବେହେର ପ୍ରମୁଖ ସହଯୋଗ କରିଥିଲେ। ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ଡ. ସୁଦର୍ଶନ ବାରିକ ଉପସ୍ଥିତ ଥିଲେ। କୃତୀ ପ୍ରତିଯୋଗୀଙ୍କୁ ଜିଲାସ୍ତରରେ ପୁରସ୍କୃତ କରାଯିବା ସହ ମନୋନୀତ ଚିତ୍ରକୁ ରାଜ୍ୟସ୍ତରକୁ ପ୍ରେରଣ କରାଯିବ। ରାଜ୍ୟସ୍ତରରେ ମନୋନୀତ ଚିତ୍ରଗୁଡ଼ିକ ପୁରସ୍କୃତ ହେବା ସହ ଜାତୀୟସ୍ତରକୁ ପଠାଯିବ ବୋଲି ନୋଡାଲ ଅଧିକାରୀ ଦାସ ସୂଚନା ଦେଇଛନ୍ତି।

## 'ଦକ୍ଷତା ବୃଦ୍ଧିରେ ମା'ଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ'

ବାସୁଦେବପୁର,୭।୧୦(ଡି.ଏନ.ଏ.)

ବାସୁଦେବପୁରର ରାମକୃଷ୍ଣ ବିଦ୍ୟାନିକେତନ ପରିସରରେ ଏକ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶତାଧିକ ମା' ଯୋଗଦେଇଥିଲେ। ମୁଖ୍ୟଅତିଥି ଭାବେ ଶିକ୍ଷକ ରମେଶ ଚନ୍ଦ୍ର ସାହୁ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଛାତ୍ରୀଛାତ୍ରଙ୍କ ଦକ୍ଷତା ବୃଦ୍ଧି କ୍ଷେତ୍ରରେ ମା' ମାନଙ୍କର ଭୂମିକ ଗୁରୁତ୍ୱପୂର୍ଣ୍ଣ ବୋଲି ସେ ମତବ୍ୟକ୍ତ କରିଥିଲେ। ଛାତ୍ରୀଛାତ୍ରଙ୍କ ଚରିତ୍ର ଗଠନ ସହିତ ଉତ୍ତମ ଶିକ୍ଷା ଗ୍ରହଣ କ୍ଷେତ୍ରରେ ମା' ଙ୍କ ପ୍ରାଥମିକ ଦାୟିତ୍ୱ ଓ କର୍ତ୍ତବ୍ୟ ବୋଲି ସେ କହିଥିଲେ। ମୁଖ୍ୟବକ୍ତା ଭାବେ ଶିଶୁ ସାହିତ୍ୟିକ ବିକାଶ କୁମାର ଶତପଥୀ ଓ ଅନ୍ୟତମ ଅତିଥି ଭାବେ ହିମାଂଶୁ ଶେଖର ପଣ୍ଡା ଯୋଗଦେଇଥିଲେ। ପ୍ରଧାନ ଶିକ୍ଷକ ଧୀରେନ୍ଦ୍ର ବାରିକ ସଭାରେ ସଭାପତିତ୍ୱ କରିଥିଲେ।




ମାତୃ ସମ୍ମିଳନୀରେ ଉପସ୍ଥିତ ଅତିଥିମାନେ।

## ଅନ୍ତର୍ନିହିତ ପ୍ରତିଭାର ବିକାଶ ଲାଗି ସୁରଭି କାର୍ଯ୍ୟକ୍ରମ

ପଦ୍ମପୁର,୭।୧୦(ଡି.ଏନ.ଏ.)

ବାସୁଦେବପୁର ବ୍ଲକ ଅଧୀନ ପଦ୍ମପୁର ଜୟକୃଷ୍ଣ ଉଚ୍ଚ ବିଦ୍ୟାଳୟ ଠାରେ ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ ଉତ୍ସବରେ ପଦ୍ମପୁର ସରପଞ୍ଚ ସ୍ନେହପ୍ରଭା ବିଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ସାଧନକେନ୍ଦ୍ରର ସଂଯୋଜକ ସୌମେନ୍ଦ୍ର କୁମାର ପଣ୍ଡୁଆ ସଭା ପରିଚାଳନା କରିଥିଲେ। ପଦ୍ମପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅମୂଲ୍ୟ କୁମାର ନାୟକ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସୁକାନ୍ତି ନାୟକ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କର ଅନ୍ତର୍ନିହିତ ବିକାଶ ପାଇଁ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା । ପ୍ରତିଯୋଗିତାରେ ସବୁ ବର୍ଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯିବା ସହ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଅଂଶଗ୍ରହଣ ପାଇଁ ମନୋନୀତ କରାଯାଇଥିଲା ।

### ସାଳନ୍ଦୀରେ ନିଖୋଜ ଶିଶୁଙ୍କ ମୃତଦେହ ମିଳିଲା

ଭଦ୍ରକ ଅଫିସ, ୭।୧୦

ସାଳନ୍ଦୀ ନଦୀରେ ବୁଡ଼ିଯାଇ ନିଖୋଜ ଥିବା ଭଦ୍ରକ ପୌରାଞ୍ଚଳ ଅଧୀନ ନଟିପୁର ଅଞ୍ଚଳରେ ରହୁଥିବା ଭବେଶ ସିଂଙ୍କ ବଡ଼ଝିଅ ଶୋଭା(୭)ଙ୍କ ମୃତଦେହ ରବିବାର ଅପରାହ୍ନରେ ଉଦ୍ଧାର କରାଯାଇଛି। ସାଳନ୍ଦୀ ନଦୀର କୁଆଁସ ଅର୍ଜୁନ ସେତୁ ନିକଟରେ ଶୋଭାଙ୍କ ମୃତଦେହ ଭାସୁଥିବା ଲୋକେ ଦେଖିଥିଲେ। ଖବର ପାଇ ଟାଉନ ଥାନା ପୋଲିସ ପହଞ୍ଚି ଗଳିତ ମୃତଦେହ ଉଦ୍ଧାର କରିଥିଲା। ବ୍ୟବଚ୍ଛେଦ ପାଇଁ ମୃତଦେହ ଜିଲା ଚିକିତ୍ସାଳୟରେ ରଖାଯାଇଛି।

## ଡାକ୍ତରୀ ଦଳ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ

ଭଦ୍ରକ ଅଫିସ,୭।୧୦

ଭଦ୍ରକ ଜିଲାର ଚାନ୍ଦବାଲି ଓ ତିହିଡ଼ି ବ୍ଲକର ବିଭିନ୍ନ ପଞ୍ଚାୟତରେ ଆର୍ଥ୍ରାଇଟିସ୍, ଜଣ୍ଡିସ ଓ ଡେଙ୍ଗୁ ରୋଗର ପ୍ରକୋପକୁ ଦୃଷ୍ଟିରେ ରଖି ଆଦାନୀ ଫାଉଣ୍ଡେଶନ ଓ ହେଲ୍‌ପେଜ୍ ଇଣ୍ଡିଆର ମିଳିତ ଆନୁକୂଲ୍ୟରେ ଜନ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ଦୁଇଟି ଡାକ୍ତରୀ ଦଳ ସହ ସ୍ୱେଚ୍ଛାସେବୀ ଓ ଅଧିକାରୀ ବିଭିନ୍ନ ପଞ୍ଚାୟତକୁ ଯାଇ ସଚେତନତା କାର୍ଯ୍ୟକ୍ରମ ଜାରି ରଖିଛନ୍ତି। ଲୋକେ ଜଳବାହିତ ଜଣ୍ଡିସ ରୋଗରୁ କିପରି ନିଜକୁ ସୁରକ୍ଷିତ ରଖିପାରିବେ ସେଥିପ୍ରତି ସଚେତନତା ଅଭିଯାନରେ ଗୁରୁତ୍ୱ ଦିଆଯାଉଛି। ଆଜିକାଲି ବୟସ୍କ ବ୍ୟକ୍ତିଙ୍କ ପାଖରେ ଆର୍ଥ୍ରାଇଟିଏସ୍ ଭଳି ରୋଗ ଦେଖାଦେଉଥିବାରୁ ଡାକ୍ତରୀ ଟିମ୍ ଏହି ରୋଗର ବିଭିନ୍ନ ଲକ୍ଷଣ ଓ ପ୍ରତିକାର ବିଷୟରେ ଗ୍ରାମବାସୀଙ୍କୁ ବୁଝାଉଛନ୍ତି। ସେହିପରି ଡେଙ୍ଗୁ ଓ ମ୍ୟାଲେରିଆ ଜ୍ୱରର ଲକ୍ଷଣ ଓ ପ୍ରତିକାର ନେଇ ସଚେତନତା ସୃଷ୍ଟି କରାଯାଉଛି। ଧାମରା ପୋର୍ଟ ତରଫରୁ ବିଭିନ୍ନ ଯୁବଗୋଷ୍ଠୀ, କ୍ଲବ, ସ୍ୱାସ୍ଥ୍ୟ ବିଭାଗ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନର ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏହା ମଧ୍ୟରେ କଇଥଖୋଲା, କରମାଳ, ଜଗନ୍ନାଥପ୍ରସାଦ, ବଳଭଦ୍ରପ୍ରସାଦ, ଶଶିକାଦେଇପୁର, ନରେନ୍ଦ୍ରପୁର, ବଇଁଚା, ଖପୁରିଆ, ବରହମପୁର, ତାରାଗଣ, ଖେଦାରପୁର, ବାମନବିନ୍ଧା, ଗୁରୁଦାସପୁର, ରାଜନଗର, ଜନ୍ତୁଆଳି ଓ ନୂଆଗାଁ ଆଦି ଗ୍ରାମରେ ଏଭଳି ସଚେତନତା କାର୍ଯ୍ୟକ୍ରମ କରାଯାଇଥିବା ଆଦାନୀ ଧାମରା ପୋର୍ଟ ତରଫରୁ କୁହାଯାଇଛି ।

## ଭଦ୍ରକ ପୁସ୍ତକ ମେଳାର ୫ମ ସନ୍ଧ୍ୟା

# 'ସଂଗ୍ରାମୀ ମହମ୍ମଦ ହନିଫ ଭଦ୍ରକର ଗର୍ବ ଓ ଗୌରବ ଥିଲେ'

ଭଦ୍ରକ ଅଫିସ,୭।୧୦

ସ୍ଥାନୀୟ ଭାଗବତ କଲ୍ୟାଣ ମଣ୍ଡପଠାରେ ଚାଲିଥିବା ଅଷ୍ଟାଦଶ ଭଦ୍ରକ ପୁସ୍ତକ ମେଳାର ୫ମ ସନ୍ଧ୍ୟା ଉତ୍ସବକୁ ସଂଗ୍ରାମୀ ମହମ୍ମଦ ହନିଫଙ୍କ ୫୧ତମ ଶ୍ରାଦ୍ଧ ଉତ୍ସବ ଭାବେ ପାଳନ କରାଯାଇଥିଲା। ଭଦ୍ରକ ମାଟିର ବରପୁତ୍ର ମହମ୍ମଦ ହନିଫ ସ୍ମୃତି କମିଟି ପକ୍ଷରୁ ଆୟୋଜିତ ଉତ୍ସବରେ ସାମାଜିକ କର୍ମୀ ସୁଧାକର ରାଉତ ଅତିଥିଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିଲେ। ଭଦ୍ରକ ଏବଂ ଓଡ଼ିଶା ପାଇଁ ମହମ୍ମଦ ହନିଫ ଗର୍ବ ଓ ଗୌରବ ଥିଲେ। ସେ ଭଦ୍ରକ ବିଧାନସଭାରୁ ନିର୍ବାଚିତ ହୋଇ ଉପବାଚସ୍ପତି ପଦ ମଣ୍ଡନ କରିଥିଲେ। ସେ ରାଜ୍ୟ ସଭାକୁ ମଧ୍ୟ ମନୋନୀତ ହୋଇଥିଲେ। ସେଭଳି ଜଣେ ମହାନ ବରପୁତ୍ରଙ୍କୁ ଆବଶ୍ୟକ ସମ୍ମାନ ଦିଆଯାଇପାରି ନାହିଁ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।



ଭଦ୍ରକ ପୁସ୍ତକମେଳା ୫ମ ସନ୍ଧ୍ୟାରେ ଅତିଥିଙ୍କ ଦ୍ୱାରା ପୁସ୍ତକ ଉନ୍ମୋଚନ କରାଯାଉଛି।

ସଭାପତି ଅଜୟ ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ପ୍ରଫେସର ଅଟଳ ବିହାରୀ ନାୟକଙ୍କ ରଚିତ ପୁସ୍ତକ 'ସଂଗ୍ରାମୀ ହନିଫ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଡ. ଲଲାଟେନ୍ଦୁ ମହାନ୍ତି ପୁସ୍ତକର ସମୀକ୍ଷା କରିଥିଲେ। ମୁଖ୍ୟଅତିଥି ଭାବେ ସଂସ୍କୃତି ସଚିବ ବିଜୟ ନାୟକ, ସମ୍ମାନିତ ଅତିଥି ଭାବେ ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ଜଗନ୍ନାଥ ସ୍ୱାଇଁ, ଡା. ପ୍ରଦୀପ ନାୟକ, ବରିଷ୍ଠ ଅଧିବକ୍ତା ନିରାକାର ଜେନା, ହାଜି ମହମ୍ମଦ ଅବଦୁଲ ବାରି, ଦିବ୍ୟସିଂହ ନାୟକ ଓ ଦିଲୀପ ନାୟକ ପ୍ରମୁଖ ଯୋଗଦେଇଥିଲେ। ବସୁମିତ୍ରା ସାହୁ ଏବଂ ସାଥୀ ଅତିଥିଙ୍କୁ ସ୍ୱାଗତ କରିଥିଲେ। ପୁସ୍ତକ ମେଳା କମିଟି ସମ୍ପାଦକ ଅକ୍ଷୟ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ପୂର୍ବାହ୍ନରେ ଅଜୟ ନାୟକଙ୍କ ନେତୃତ୍ୱରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସଂଗ୍ରାମୀ ହନିଫଙ୍କ ସମାଧି ପୀଠରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ସଂକ୍ଷେପରେ

### ଧାନପେଷା ମିଶିନ ନେଲା ମହିଳାଙ୍କ ଜୀବନ

**ପାଟଣା, ୭।୧୦(ସ୍ୱ.ପ୍ର.):** ପାଟଣା ବ୍ଲକ ଚାକୁଣ୍ଡାପାଳ ପଞ୍ଚାୟତ ମିଠା ସାହିରେ ରବିବାର ସକାଳେ ଏକ ଧାନ ପେଷା ମେଶିନରେ ଲାଗି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମିଶିନର ଚକି ଆଉ ସେଲରେ ମଝିରେ ମହିଳାଙ୍କ ପିନ୍ଧା ଶାଢ଼ୀ ଲାଗିଯିବାରୁ ଏପରି ଘଟଣା ଘଟିଥିଲା। ସେ ହେଲେ ନୁଠୁ ନାଏକଙ୍କ ସ୍ତ୍ରୀ ମଲ୍ଲି। ତୁରୁମୁଙ୍ଗା ଏଏସଆଇ ବିପିନ ବିହାରୀ ବାରିକ ପହଞ୍ଚି ମୃତଦେହ ଜବତ କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପାଇଁ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। ଏ ନେଇ ଥାନା ଏକ ମାମଲା (ନଂ. ୧୦୧/୧୮) ରୁଜୁ ହୋଇଛି।

### ପୋଖରୀରେ ପଡ଼ିଗଲେ ନାବାଳିକା

**ତେଲକୋଇ, ୭।୧୦(ଡି.ଏନ.ଏ.):** ତେଲକୋଇ ଥାନା ଦେଉଳଡିହା ପଞ୍ଚାୟତ ଉଦୟଗିରି ଗ୍ରାମ ପୋଖରୀରେ ପଡ଼ି ଜଣେ ୬ବର୍ଷର ନାବାଳିକାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଡେଜେନା ନାୟକ। ଡେଜେନା ରବିବାର ସକାଳେ ରୁଗୁଡି ପୋଖରୀକୁ ଗାଧୋଇ ଯାଇ ପାଣିରେ ବୁଡି ଯାଇଥିଲେ। ତାଙ୍କୁ ଉଦ୍ଧାର କରି ତେଲକୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଉକ୍ତ ଘଟଣାରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୨୮/୧୮) ରୁଜୁ ହୋଇଛି।

### ନିଶା ଔଷଧ ବେପାରୀ ଗିରଫ

**ଯୋଡ଼ା, ୭।୧୦(ଡି.ଏନ.ଏ.):** ଯୋଡ଼ା ବଜାରରେ ରବିବାର ବେଆଇନ ଭାବେ ନିଶା ଔଷଧ କାରବାର ଅଭିଯୋଗରେ ଜଣଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ମହମ୍ମଦ ଛୋଟୁ। ମହମ୍ମଦଙ୍କ ଘରୁ ୫ ବୋତଲ କୋରେକସ୍, ସ୍ପାଜୋମ ଔଷଧ ସହ ୧୦ ବୋତଲ ଠିପି ଖୋଲା ନିଶା ଔଷଧ ଜବତ ହୋଇଛି। ଛୋଟୁଙ୍କୁ କୋର୍ଟ ଚାଲାଣ କରିଛି ବୋଲି ଯୋଡା ଥାନା ଅଧିକାରୀ ମନୋଜ କୁମାର ରାଉତ କହିଛନ୍ତି।

### ଗଳାକାଟି ହତ୍ୟା ଉଦ୍ୟମ ନେଇ ମାମଲା

**ବଡ଼ବିଲ, ୭।୧୦(ସ୍ୱ.ପ୍ର.):** କେନ୍ଦୁଝର ଜିଲା ବଡ଼ବିଲ ୱାର୍ଡ ନଂ-୯ ତୋଲକ ହଟିଂରୁ ଜଣେ ମହିଳାଙ୍କୁ ମୁମୂର୍ଷୁ ଅବସ୍ଥାରେ ପୋଲିସ ଉଦ୍ଧାର କରିଥିଲା। ଉକ୍ତ ଘଟଣାରେ ବଡ଼ବିଲ ଥାନାରେ ଏକ ମାମଲା (ନଂ. ୧୫୦/୧୮) ରୁଜୁ ହୋଇଛି। ସ୍ଥାନୀୟ ଗାଡା ହଟିଂର ବିରଜା ସ୍ୱାଇଁ ନାମକ ଯୁବକ ଏତଲା ଦେଇଛନ୍ତି। ଥାନା ଆଇଆଇସି ଜଗନ୍ନାଥ ମଲ୍ଲିକଙ୍କଠାରୁ ମିଳିଥିବା ତଥ୍ୟ ଅନୁଯାୟୀ, ଉଦ୍ଧାର ହୋଇଥିବା ମହିଳା ଜଣଙ୍କ ହେଲେ କିରିବୁରୁ ଅଞ୍ଚଳର ନିଲୋଫର ନିଗାର ଓରଫ ନିଲୁ। ବଡ଼ବିଲ ତୋଲକ ହଟିଂରେ ରହୁଥିବା ଅମିରୁଲ ହୁସୈନ ଓ ଜୁଲେଖା ଖାତୁନଙ୍କ ପୁଅ ସୋନୁ ଖାନଙ୍କୁ ନିଲୁ ବିବାହ କରିଥିଲେ। ନିଲୁଙ୍କୁ ଉଦ୍ଧାର କରାଯାଇଥିବା ଘରେ ଆଉ କେହି ଉପସ୍ଥିତ ନ ଥିବାରୁ ସନ୍ଦେହ ପ୍ରକାଶ ପାଉଛି। ନିଲୁଙ୍କ ଗଳା କାଟିବା ପରେ ଅଭିଯୁକ୍ତମାନେ ଫେରାର ହୋଇଯାଇଥିବା ପୋଲିସ ଅନୁମାନ କରିଛି। ନିଲୁଙ୍କର ଶ୍ୱାସନଳୀ କଟିଯାଇଥିବାବେଳେ ସେ ଏବେ କଟକସ୍ଥିତ ଏସସିବି ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି।

### ବାଣିଜ୍ୟ ମେଳାରେ କବିତା ଆସର

**ଆନନ୍ଦପୁର, ୭।୧୦(ସ୍ୱ.ପ୍ର.):** ଆନନ୍ଦପୁର ପ୍ରେସ୍ କ୍ଲବର ବାର୍ଷିକ ଉତ୍ସବ ଉପଲକ୍ଷେ ଆୟୋଜିତ ୭ ଦିନିଆ ବାଣିଜ୍ୟ ମେଳା ଅବସରରେ ଏକ କବିତା ଆସର ହୋଇଥିଲା। ପ୍ରେସ୍ କ୍ଲବର ସମସ୍ତ କର୍ମକର୍ତ୍ତାଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ୨୫ରୁ ଊର୍ଦ୍ଧ୍ୱ କବି ଓ ସାହିତ୍ୟିକ ଉପସ୍ଥିତ ରହି ଗଣମାଧ୍ୟମ ପ୍ରତିନିଧିମାନଙ୍କ ଦାୟିତ୍ୱ, କର୍ତ୍ତବ୍ୟ ଓ ସେମାନଙ୍କ ନିରବଚ୍ଛିନ୍ନ ଖବର ପରିବେଷଣକୁ ନେଇ ସ୍ୱରଚିତ କବିତା ପାଠ କରିଥିଲେ। ଫକୀରପୁର ସାହିତ୍ୟ ସଂସଦର ସଭାପତି ସାହ୍ୟିକ ସରୋଜ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କବିତା ଆସରରେ ଓଡ଼ିଶା ସାହିତ୍ୟ ଏକାଡେମୀର ସଦସ୍ୟ ଡ. ରାମଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଖବରଦାତା ଅନିଲ ସାହୁ ସଂଯୋଜନା କରିଥିଲେ।

# ଅନାହାରରେ ମା'ପୁଅ

**ଯୋଡ଼ା, ୭।୧୦ (ଡି.ଏନ.ଏ.)**

**ଦାରିଦ୍ର୍ୟ ତାଡ଼ନା**
- ଅସହାୟ ଭାବେ ଗଛ ତଳେ ବିତୁଛି ଜୀବନ
- ଚିକିତ୍ସା ଅଭାବରୁ ରୋଗଗ୍ରସ୍ତ ଶିଶୁ

କେନ୍ଦୁଝର ଜିଲା ପରି ଖଣି ସମୃଦ୍ଧ ସହର ଯୋଡ଼ା ଡାକ୍ତରଖାନା ସମ୍ମୁଖରେ ଅନାହାରରେ ଦୀର୍ଘ ୧ ମାସ ଧରି ମା'ପୁଅ ପଡ଼ିରହିଛନ୍ତି। ଚାକଚକ୍ୟ ଭରା, ସାଜସଜ୍ଜାରେ ଶୋଭିତ ଉକ୍ତ ଡାକ୍ତରଖାନାର କର୍ତ୍ତୃପକ୍ଷଙ୍କ ନଜର ଅସହାୟ ମା'ପୁଅଙ୍କ ଉପରେ ପଡୁନାହିଁ। ସେହି ରାସ୍ତା ଦେଇ ଯାଉଛନ୍ତି ଲୋକ। ମାତ୍ର ସାହାଯ୍ୟ ପାଇଁ ସେମାନେ ଆକୁଳ ନିବେଦନ କରୁଥିଲେ ହେଁ କାହାର ଦୃଷ୍ଟି ପଡୁନାହିଁ। ୩ ବର୍ଷର ଅସୁସ୍ଥ ଶିଶୁପୁତ୍ରଙ୍କୁ ନେଇ ମା' ଭୋକଉପାସରେ ଗଛ ତଳେ ଜୀବନ ବିତାଉଛନ୍ତି।

ଖବର ପାଇ ଘଟଣାସ୍ଥଳରେ ଆମ ଧରିତ୍ରୀର ଏକ ଟିମ୍ ପହଞ୍ଚିଥିଲା। ସମ୍ପୃକ୍ତ ମହିଳାଙ୍କ ପରିଚୟ ପଚାରିବାରୁ ତାଙ୍କ ଘର ଝାଡ଼ଖଣ୍ଡ ଜୟନ୍ତୀଗଡ଼ ଅଞ୍ଚଳ। ତାଙ୍କ ସ୍ୱାମୀ ଉକ୍ତ ଡାକ୍ତରଖାନରେ କାର୍ଯ୍ୟ କରୁଛନ୍ତି ବୋଲି ସେ କହିଛନ୍ତି। ମା'ପୁଅ ବହୁଦିନ ହେଲା ଖାଦ୍ୟ ନ ପାଇ ନିଜର ମାନସିକ ସନ୍ତୁଳନ ହରାଇ ବସିଲେଣି ବୋଲି ଆଲୋଚନା ହେଉଛି। ଖାଦ୍ୟ ଅଭାବ ଓ ଚିକିତ୍ସା ହୋଇପାରୁ ନ ଥିବାରୁ ନିଜର ଶିଶୁପୁତ୍ର ରୋଗିଣା ହୋଇପଡ଼ିଲାଣି ବୋଲି ମହିଳା ଜଣଙ୍କ କହିଛନ୍ତି। ଏ ସମ୍ପର୍କରେ ଯୋଡ଼ା ପୌରପାଳିକାର ସିଡିପିଓ ମିନତି ମହାପାତ୍ରଙ୍କୁ ଘଟଣା ସମ୍ପର୍କରେ



ଡାକ୍ତରଖାନା ସମ୍ମୁଖରେ ବସିଥିବା ମା'ପୁଅ।

ଜଣାଇବାରୁ ଧାରିତ୍ରୀ ଟିମ୍‌କୁ ସେ ପ୍ରଥମେ ଧନ୍ୟବାଦ ଦେଇଥିଲେ। ଅବିଳମ୍ବେ ସ୍ଥାନୀୟ ଅଙ୍ଗନୱାଡି କର୍ମୀଙ୍କୁ ସେଠାକୁ ପଠାଇ ଥିଲେ। ପରେ ମହିଳାଙ୍କୁ ଖାଦ୍ୟ ପାନୀୟ ଦେଇ ଥଇଥାନର ବ୍ୟବସ୍ଥା କରାଇବେ ବୋଲି ସେ କହିଛନ୍ତି।

## ■ ମହିଳାଙ୍କ ଉନ୍ମତ୍ତକାଣ୍ଡ

# ପାଣିରେ ବୁଡ଼ାଇ ଜଣଙ୍କୁ ହତ୍ୟାକରି ନିଜ ଶିଶୁକନ୍ୟାଙ୍କୁ ମାରିଦେଲେ

**ଝୁମ୍ପୁରା, ୭।୧୦(ଡି.ଏନ.ଏ.)**

ଝୁମ୍ପୁରା ବ୍ଲକ ବାରିଆ ଥାନା ବୈକୁଣ୍ଠପୁର ମୁଣ୍ଡା ସାହିରେ ଶନିବାର ଜଣେ ମହିଳାଙ୍କୁ ପୋଖରୀ ପାଣିରେ ବୁଡ଼ାଇ ମାରିବା ସହ ନିଜ ଶିଶୁକନ୍ୟାଙ୍କ ତଣ୍ଟିଚିପି ଜଣେ ମାନସିକବିକୃତ ମହିଳା ହତ୍ୟା କରିଛନ୍ତି। ମହିଳାଙ୍କ ଏପରି ଉନ୍ମତ୍ତକାଣ୍ଡକୁ ନେଇ ଉକ୍ତ ସାହିରେ ଆଲୋଡ଼ନ ଖେଳି ଯାଇଛି। ଅଭିଯୋଗ ଅନୁଯାୟୀ, ମୁଣ୍ଡା ସାହି ବାସିନ୍ଦା ଲକ୍ଷ୍ମୀ ମୁଣ୍ଡା। ସେ ତେଲକୋଇ ଅଞ୍ଚଳରେ ବିବାହ କରିଥିଲେ। ତାଙ୍କର ଏକ ଚାରି ମାସର ଶିଶୁ କନ୍ୟା ରହିଥିଲେ। ମାନସିକ ଅବସାଦ ଓ ମସ୍ତିଷ୍କ ବିକାର ଯୋଗୁଁ ଲକ୍ଷ୍ମୀ ନିଜ ବାପ ଘର ବୈକୁଣ୍ଠପୁରରେ ଆସି ରହୁଥିଲେ।

ଶନିବାର ସନ୍ଧ୍ୟା ସମୟରେ ଉକ୍ତ ସାହିର ବାସନ୍ତୀ ମୁଣ୍ଡା ଶୌଚ ହେବା ପାଇଁ ଗାଁ ପୋଖରୀକୁ ଯାଇଥିଲେ। ସେହି ସମୟରେ ଲକ୍ଷ୍ମୀ ମଧ୍ୟ ସେହି ପୋଖରୀ ପାଖରେ ରହିଥିଲେ। କୌଣସି କାରଣରୁ ବାସନ୍ତୀଙ୍କୁ ପୋଖରୀ ପାଣି ଭିତରକୁ ଲକ୍ଷ୍ମୀ ଠେଲି ଦେଇ ତାଙ୍କ ଉପରେ ଝାମ୍ପି ପଡିଥିଲେ। ଏହା ଦେଖି ଗ୍ରାମବାସୀ ହୋ–ହାଲ୍ଲା କରିଥିଲେ। ଫଳରେ ବାସନ୍ତୀକୁ ଛାଡି ଦେଇ ଲକ୍ଷ୍ମୀ ପାଣି ଭିତରୁ ବାହାରି ଆସିଥିଲେ। ଗ୍ରାମବାସୀ ବାସନ୍ତୀଙ୍କୁ ଉଦ୍ଧାର କରି ଝୁମ୍ପୁରା ଡାକ୍ତରଖାନା ଆଣିଥିଲେ। ସେତେବେଳକୁ ବାସନ୍ତୀଙ୍କ ମୃତ୍ୟୁ ହୋଇ ସାରିଥିଲା। ପୋଖରୀରୁ ସିଧା ନିଜ ଘରେ ଲକ୍ଷ୍ମୀ ପହଞ୍ଚି ନିଜ ଶିଶୁ କନ୍ୟାର ମୁହଁକୁ ଆଣ୍ଠୁଡି ଦେବା ସହ ଗଳା ଚିପି ହତ୍ୟା କରିଥିଲେ ବୋଲି ଅଭିଯୋଗ ହୋଇଛି। ଲକ୍ଷ୍ମୀଙ୍କୁ ଗ୍ରାମବାସୀ ଅଟକ ରଖି ବାରିଆ ଥାନାକୁ ଖବର ଦେଇଥିଲେ। ଏ ନେଇ ମୃତ ବାସନ୍ତୀଙ୍କ ଭାଇ ବାରିଆ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ୨ ମୃତଦେହ ଜବତ କରିବା ସହ ଚମ୍ପୁଆ ଡାକ୍ତରଖାନାକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଲକ୍ଷ୍ମୀଙ୍କୁ ଗିରଫ କରାଯିବା ସହ ଏକ ମାମଲା (ନଂ. ୬୩/୧୮) ରୁଜୁ ହୋଇ ତଦନ୍ତ ଜାରି ରହିଥିବା ବାରିଆ ଥାନାଧିକାରୀ ସୁଶାନ୍ତ ମହାନ୍ତି ସୂଚନା ଦେଇଛନ୍ତି।

## ■ ଅଭିଯୋଗ ଶୁଣିଲାନି ପ୍ରଶାସନ

# ରାସ୍ତା ନିର୍ମାଣ କଲେ ଗ୍ରାମବାସୀ

**ଢେଙ୍କିକୋଟ, ୭।୧୦(ଡି.ଏନ.ଏ.)**

ଘଟଗାଁ ବ୍ଲକ ଖଣ୍ଡଘର ପଞ୍ଚାୟତ କାଶିବେଢ଼ା ଗ୍ରାମ ମୁର୍ଗାପାଟ ସାହି ରାସ୍ତା ଶୋଚନୀୟ ହୋଇପଡ଼ିଛି। ଉକ୍ତ ସାହିର ୪ ନଂ ୱାର୍ଡ଼ରେ ୫୦ରୁ ଊର୍ଦ୍ଧ୍ୱ ଆଦିବାସୀ ପରିବାର ବସବାସ କରନ୍ତି। ପ୍ରାଥମିକ ସ୍କୁଲଠାରୁ ସାହିର ଦୂରତ୍ୱ ୩ କି.ମି.। ସେହି ରାସ୍ତା ମାଟି ମରମ ହୋଇ ରହିଛି। ରାସ୍ତା ଖାଲଖମାରେ ଭର୍ତ୍ତି ହୋଇଛି। ଛାତ୍ରୀଛାତ୍ର ସ୍କୁଲ, କଲେଜ ଯିବା ଆସିବା କରିପାରୁନାହାନ୍ତି। ସାହିକୁ ଆମ୍ବୁଲାନ୍ସ ଯାଇପାରୁନି। ସାହିବାସୀ ପଞ୍ଚାୟତ, ସରପଞ୍ଚ ଏବଂ ବ୍ଲକ ପ୍ରଶାସନଙ୍କୁ ଗୁହାରି କରି ନିରାଶ ହେବା ପରେ ବରିଷ୍ଠ ନାଗରିକ ଚିନ୍ତାମଣି ନାୟକଙ୍କ ନେତୃତ୍ୱରେ ସାହିର ୫୦ରୁ ଊର୍ଦ୍ଧ୍ୱ ଯୁବକ, ଛାତ୍ର ମିଶି ରାସ୍ତା ମରାମତି କରିଛନ୍ତି। ମାଟି ଖୋଳି



ଗ୍ରାମବାସୀ ରାସ୍ତା ମରାମତି କରୁଛନ୍ତି।

ସମତୁଲ କରି ରାସ୍ତା ନିର୍ମାଣ କରିଛନ୍ତି।

ଏ ସମ୍ପର୍କରେ ଖଣ୍ଡଘର ପଞ୍ଚାୟତ ସରପଞ୍ଚ ଈଶ୍ୱର ଚନ୍ଦ୍ର ନାୟକଙ୍କୁ ପଚାରିବାରୁ ଏବେ ବର୍ଷା ଛାଡ଼ିଛି। ରାସ୍ତା ନିର୍ମାଣ ନିଶ୍ଚିତ କରାଯିବ ବୋଲି ସେ କହିଛନ୍ତି। ଘଟଗାଁ ବିଡ଼ିଓ ତ୍ରିଲୋଚନ ମହାନ୍ତିଙ୍କୁ ପଚାରିବାରୁ ରାସ୍ତା ମରାମତି ନେଇ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି। ଗ୍ରାମର ନରେନ୍ଦ୍ର ନାୟକ, ସୁଶାନ୍ତ ନାୟକ, ଲଲାଟେନ୍ଦୁନାୟକ, ଖଗେଶ୍ୱର ନାୟକ, କୁଳମଣି ନାୟକ, ରଞ୍ଜନ ନାୟକ, ଝାଡ଼େଶ୍ୱର ନାୟକ, ଯୁଗରାଜ ନାୟକ, ଦୁଷ୍ମନ୍ତ ନାୟକ, ଯୋଗେଶ୍ୱର ନାୟକ(ଖ), ହରିହର ନାୟକ, ରମେଶ ଚନ୍ଦ୍ର ମହାକୁଡ଼ ପ୍ରମୁଖ ୫୦ରୁ ଊର୍ଦ୍ଧ୍ୱ ସାମିଲ ଥିଲେ।

## ବିଶ୍ୱହିନ୍ଦୁ ପରିଷଦ ଜିଲା ସମିତି ବୈଠକ

**କେନ୍ଦୁଝର ୭।୧୦(ସ୍ୱ.ପ୍ର.):** ବିଶ୍ୱହିନ୍ଦୁ ପରିଷଦ କାର୍ଯ୍ୟାଳୟରେ ଜିଲା ସମିତିର ଏକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ବିଶ୍ୱହିନ୍ଦୁ ପରିଷଦ ବିଭାଗ ସଭାପତି ଚତୁର୍ଭୂଜ ହୋତାଙ୍କ ସଭାପତିତ୍ୱରେ ପରିଷଦର ବହୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ସହ ନୂତନ କର୍ମକର୍ତ୍ତାଙ୍କୁ ଦାୟିତ୍ୱ ଦିଆଯାଇଛି। ଏଥିରେ ଜିଲା ସମିତିର ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହିଥିଲେ। ପଞ୍ଚାୟତସ୍ତର ପର୍ଯ୍ୟନ୍ତ ସଙ୍ଗଠନକୁ ପହଞ୍ଚାଇବା ପାଇଁ ଜିଲା ସମିତିର କାର୍ଯ୍ୟକାରୀ ସଭାପତି ଭାବେ ରକ୍ଷାକର ପତିଙ୍କ ସମେତ ସମସ୍ତ କର୍ମକର୍ତ୍ତାଙ୍କୁ ନୂତନ ଦାୟିତ୍ୱ ଅର୍ପଣ କରାଯାଇଥିଲା। ବୈଠକରେ ଉତ୍ତର ଓଡିଶା ପୂର୍ବପ୍ରାନ୍ତର ସେବା ପ୍ରମୁଖ ହରିଶ୍ଚନ୍ଦ୍ର ପ୍ରଧାନ, ସତସଙ୍ଗ ପ୍ରମୁଖ ଗଣେଶ୍ୱର ସାହୁ, ଜିଲା ସଭାପତି ତୁଷାରକାନ୍ତ ସାମନ୍ତ, ସମ୍ପାଦକ ଘନଶ୍ୟାମ ମହାନ୍ତ, ଜିଲା ପ୍ରଚାର ପ୍ରସାର ପ୍ରମୁଖ ରମେଶ ଚନ୍ଦ୍ର ହୋତା, ସହ ସମ୍ପାଦକ କେଦାରନାଥ ଦାଶ, ସାହାରପଡା ପ୍ରଖଣ୍ଡ ସଭାପତି କୈଳାଶଚନ୍ଦ୍ର ମାଟିଆ, ପ୍ରହ୍ଲାଦ ମହାନ୍ତ, ପଦନ ନାଏକ, ଭରତ ଚନ୍ଦ୍ର ମହାନ୍ତ, ସହପ୍ରାନ୍ତ ସେବା ପ୍ରମୁଖ ମାମୀନା ରାଉ୍ତସ, ଦୁର୍ଗାବାହିନୀ ବିଭାଗ ସଂଯୋଜିକା ଟୁକୁନି ବାରିକଙ୍କ ସମତେ ୫୦ରୁ ଊର୍ଦ୍ଧ୍ୱ କର୍ମକର୍ତ୍ତା ଉପସ୍ଥିତ ରହି ଶ୍ରୀକ୍ଷେତ୍ର ପୁରୀରେ ହୋଇଥିବା ବିଶୃଙ୍ଖଳାକୁ ନିନ୍ଦା କରାଯାଇଥିଲା। ଶେଷରେ ଶାନ୍ତି ପାଠ କରାଯାଇଥିଲା।

## ନାବାଳିକାଙ୍କୁ ବଳାତ୍କାର, ଯୁବକ ଗିରଫ

**ବଡ଼ବିଲ, ୭।୧୦(ସ୍ୱ.ପ୍ର.)**

ବଡ଼ବିଲ ଅଞ୍ଚଳର ଜଣେ ଆଦିବାସୀ ନାବାଳିକାଙ୍କୁ ପ୍ରଲୋଭିତ କରି ବଳାତ୍କାର ପରେ ହତ୍ୟା ଧମକ ଦେବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ସେଡିଂ ଅଞ୍ଚଳର ଗଦା ସିଂହ। ଗୁରୁବାର ରାତିରେ ଲୋଭ ଦେଖାଇ ସ୍ଥାନୀୟ ଜଙ୍ଗଲକୁ ନାବାଳିକାଙ୍କୁ ନେଇ ଗଦା ବଳାତ୍କାର କରିଥିଲେ। ଘଟଣା ସମ୍ପର୍କରେ କାହାରିକୁ ଜଣାଇଲେ ଜୀବନରୁ ମାରିଦେବାକୁ ନାବାଳିକାଙ୍କୁ ଗଦା ଧମକ ଦେଇଥିବା ନେଇ ଶନିବାର ବଡ଼ବିଲ ଥାନାରେ ଅଭିଯୋଗ ହୋଇଛି।

ପୋଲିସ ଲିଖିତ ଏତଲାକୁ ଭିତ୍ତିକରି ବଡ଼ବିଲ ଥାନାରେ ଏକ ମାମଲା (ନଂ–୧୪୯/୧୮) ରୁଜୁକରି ତଦନ୍ତ ଆରମ୍ଭ କରିଛି। ଗଦାଙ୍କ ଡାକ୍ତରୀମାଇନା ପରେ କୋର୍ଟ ଚାଲାଣ କରାଯିବ। ନାବାଳିକା ଜଣଙ୍କର ମାନସିକ ଅସ୍ଥିରତା ଥିବା ଅନୁମାନ କରାଯାଉଛି ବୋଲି ଥାନା ଆଇଆଇସି ଜଗନ୍ନାଥ ମଲ୍ଲିକ କହିଛନ୍ତି।

# ପାରା ଲିଗାଲ ଭଲ୍ୟୁଣ୍ଟିୟରଙ୍କୁ ତାଲିମ

**ଚମ୍ପୁଆ, ୭।୧୦(ଡି.ଏନ.ଏ.)**

ଚମ୍ପୁଆ କୋର୍ଟ ପରିସରରେ ପାରା ଲିଗାଲ ଭଲ୍ୟୁଣ୍ଟିୟରମାନଙ୍କୁ ଚମ୍ପୁଆ ତାଲୁକ ଆଇନ ସେବା କମିଟି ପକ୍ଷରୁ ତାଲିମ ପ୍ରଦାନ କରାଯାଇଛି। ଜିଲା ଆଇନ ସେବା ପ୍ରାଧିକରଣ କେନ୍ଦୁଝର ଦ୍ୱାରା ଆୟୋଜିତ ହୋଇଥିଲା। ତାଲୁକ ଆଇନ ସେବା କମିଟି ଚେୟାରମ୍ୟାନ ତଥା ଅତିରିକ୍ତ ଦୌରାଜଜ୍ ଡ. ପବିତ୍ର ମୋହନ ସାମଲ ଶିବିରକୁ ଉଦ୍‌ଘାଟନ କରିଥିଲେ। ତାଲିମ ଶିବିରର ଆଭିମୁଖ୍ୟ ଓ ଲକ୍ଷ୍ୟ ସମ୍ପର୍କରେ ଭଲ୍ୟୁଣ୍ଟିୟରମାନଙ୍କୁ ସୂଚନା ପ୍ରଦାନ କରାଯାଇଥିଲା। ଡିଏଲଏସଏ କେନ୍ଦୁଝର ସମ୍ପାଦକ ବନାଳି ତ୍ରିପାଠୀ ଭଲ୍ୟୁଣ୍ଟିୟରମାନଙ୍କ ପାଇଁ ଉଦ୍ଦିଷ୍ଟ ନିୟମ ଏବଂ କର୍ତ୍ତବ୍ୟ ସମ୍ପର୍କରେ ଅବଗତ କରାଇଥିଲେ।

ଏସଡିଜେଏମ ସ୍ୱୟଂପ୍ରଭା ଆଚାର୍ଯ୍ୟ, ମାଜିଷ୍ଟ୍ରେଟ ସମୀକ୍ଷା




ତାଲୁକ ଆଇନ ସେବା କମିଟିର କର୍ମକର୍ତ୍ତା।

ମହାନ୍ତି, ସବ୍‌ଜଜ୍ ରଞ୍ଜୁଲତା ଲେଙ୍କା ପ୍ରମୁଖ ଉପସ୍ଥିତ ରହି ଆପରାଧିକ ଆଇନ, ପାରିବାରିକ ହିଂସା, ଭରଣ ପୋଷଣ, ଯୌତୁକ ଆଇନ, ଶ୍ରମିକ ଆଇନ, ଯୌନ ସମ୍ବନ୍ଧୀୟ ଅପରାଧ, ବରିଷ୍ଠ ନାଗରିକ ପାଇଁ ଉଦ୍ଦିଷ୍ଟ ଆଇନ, ମାନବିକ ଅଧିକାରର ସୁରକ୍ଷା, ମୌଳିକ ଅଧିକାର ଓ କର୍ତ୍ତବ୍ୟ, ପାରିବାରିକ ଆଇନ ଓ ସମ୍ପତ୍ତିଗତ ଆଇନ ସମ୍ବନ୍ଧରେ ଧାରଣା ପ୍ରଦାନ କରାଇଥିଲେ। ବରିଷ୍ଠ ଆଇନଜୀବୀ ହରେକୃଷ୍ଣ ମିଶ୍ର ଯୋଗାଯୋଗ ଓ ଲିଖନ କୌଶଳ ସମ୍ବନ୍ଧରେ ଭଲ୍ୟୁଣ୍ଟିୟରମାନଙ୍କୁ ଅବଗତ କରାଇଥିଲେ। ଭଲ୍ୟୁଣ୍ଟିୟରମାନେ ଗ୍ରାମଗୁଡ଼ିକୁ ଯାଇ ଲୋକଙ୍କ ମଧ୍ୟରେ ଉପୁଜୁଥିବା ସମସ୍ୟାର ଆପୋସ ସମାଧାନ କରିବାକୁ ଚେଷ୍ଟା କରିବେ ନଚେତ ତାଲୁକ ଆଇନ ସେବା କମିଟିର ସହାୟତା ଗ୍ରହଣ କରିବେ ବୋଲି ଜଣାପଡ଼ିଛି।

## ୧୧୧ ୟୁନିଟ ରକ୍ତ ସଂଗ୍ରହ

**ରାଇସୁଆଁ, ୭।୧୦(ଡି.ଏନ.ଏ.)** କେନ୍ଦୁଝର ଜିଲା ସଦର ବ୍ଲକ ଅନ୍ତର୍ଗତ ଗୋନାସିକା ଡିଗ୍ରୀ କଲେଜରେ ରକ୍ତଦାନ ଦିବସ ପାଳନ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ସହ କଲେଜ କର୍ମଚାରୀ ରକ୍ତଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ୧୧୧ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଶେଷରେ ଛାତ୍ରୀଛାତ୍ର ରକ୍ତଦାନ କରି ଅନେକ ଜୀବନ ବଞ୍ଚାଇବାକୁ ସପଥ ନେଇଥିଲେ।

# ମିଳିତ ମଞ୍ଚର ଆନ୍ଦୋଳନ ଜାରି




ଆୟୋଜିତ ଜନତା ଦରବାରରେ ଶିକ୍ଷକମାନେ।

**ପାଟଣା, ୭।୧୦(ସ୍ୱ.ପ୍ର.)**

ରାଜ୍ୟ ମିଳିତ କଲେଜ ଶିକ୍ଷକ କର୍ମଚାରୀ ସଂଘର ଆହ୍ୱାନକ୍ରମେ ପାଟଣା, ଘଟଗାଁ ଓ ସାହାରପଡ଼ା ବ୍ଲକର ଶିକ୍ଷକ, ଅଧ୍ୟାପକ ଓ କର୍ମଚାରୀ ପାଟଣା ମୁଖ୍ୟାଳୟସ୍ଥିତ ଷ୍ଟାଡିୟମ ନିକଟ ପଡ଼ିଆରେ ରବିବାର ପୂର୍ବାହ୍ନରେ ସେମାନଙ୍କ ପ୍ରତି ହେଉଥିବା ଅନ୍ୟାୟ ପ୍ରତିବାଦରେ ଜନତା ଦରବାର କରିଥିଲେ। ଅୟୋଜିତ ପ୍ରତିବାଦ ସଭାରେ ଜିଲା ଓଷ୍ଟା ସଭାପତି ରଘୁନାଥ ବେହେରାଙ୍କ ଅଧ୍ୟକ୍ଷତାରେ ପୂର୍ବତନ ପାଟଣା ବ୍ଲକ ଅଧ୍ୟକ୍ଷ ବିଦ୍ୟାଧର ଦାଶ, ଶିକ୍ଷାବିତ ଭରତ ଚନ୍ଦ୍ର ସାହୁ, କଂଗ୍ରେସ ନେତା ଗୌରହରୀ ନାଏକ, ଭାଜପା ନେତା ମହେଶ୍ୱର ପୃଷ୍ଟି ଓ ଶିବାଜୀ ଗୌତମ ମହାନ୍ତ ବର୍ମା ପ୍ରମୁଖ ଉପସ୍ଥିତ ରହି ଶିକ୍ଷକମାନଙ୍କ ନ୍ୟାଯ୍ୟ ଦାବି ପ୍ରତି ସମର୍ଥନ ଜଣାଇଥିଲେ।

ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ କାଳ ପାଇଁ ଆନ୍ଦୋଳନ ଚାଲିବ ବୋଲି କଲେଜ ଶିକ୍ଷକ ନେତା କାହ୍ନୁ ସାମଲ, ପାଟଣା ମିଳିତ ମଞ୍ଚର ଆବାହକ ଅନିଲ କୁମାର ବାରିକ, ଶିକ୍ଷକ ନେତା କୃଷ୍ଣଚନ୍ଦ୍ର ପଣ୍ଡା, ଚିନ୍ମୟ ମିଶ୍ର, ବଜେନ୍ଦ୍ର ପତି, ସୁରେଶ ଚନ୍ଦ୍ର ମହାନ୍ତ ଓ ଶ୍ରୀନିବାଶ ଶତପଥୀ ପ୍ରମୁଖ କହିଛନ୍ତି।

# ୫ ବର୍ଷ ହେଲା ଶୁଖିଲା ପଡ଼ିଛି କେନାଲ

**ରାଇସୁଆଁ, ୭।୧୦(ଡି.ଏନ.ଏ.)**

ସରକାର ଚାଷର ଉନ୍ନତି ପାଇଁ ଜଳସେଚନ ବ୍ୟବସ୍ଥା ନାମରେ ବହୁ ଟଙ୍କା ଖର୍ଚ୍ଚ କରିଚାଲିଛନ୍ତି। ବିଭାଗୀୟ ଅଧିକାରୀମାନଙ୍କ ଉଦାସିନତାରୁ କେନ୍ଦୁଝର ଜିଲାର ସଦର ଅଞ୍ଚଳରେ ବହୁ କେନାଲ ଅକାମି ହୋଇ ପଡ଼ିରହିଛି। ସଦର ବ୍ଲକ ମହାଦେଇଯୋଡ଼ା ପଞ୍ଚାୟତ ଡିଳିମାପୁର ମୌଜାରେ ଜଳସେଚନ ବିଭାଗ ଦ୍ୱାରା ୭ ଲକ୍ଷ ଟଙ୍କା ବିନିମୟରେ କେନାଲ କାମ କରାଯାଇଥିଲା। ମାତ୍ର ତାହା ଶୁଖିଲା ପଡ଼ିଥିବା ବହୁ ଚାଷୀ ଅଭିଯୋଗ କରିଛନ୍ତି।

ରାଜସ୍ୱ ବିଭାଗ ପକ୍ଷରୁ ରିତିମତ ଜଳକର ଆଦାୟ କରାଯାଉଛି। ସ୍ଥାନୀୟ ଚାଷୀ ଏକତ୍ରିତ ହୋଇ ୫ବର୍ଷ ପୂର୍ବରୁ ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଏହାକୁ ଗୁରୁତ୍ୱ ଦେଇ ବିଭାଗୀୟ ଅଧିକାରୀମାନେ ସର୍ଭେ କରି ଚାଲି ଯାଇଥିଲେ। ମାତ୍ର ୫ବର୍ଷ ବିତିଯାଇଥିଲେ ହେଁ କୌଣସି ପଦକ୍ଷେପ ଗ୍ରହଣ କରା ନ ଯିବାରୁ ନୂତନ ଜିଲାପାଳଙ୍କୁ ଘଟଣା ବିଷୟରେ ଚାଷୀ ଲିଖିତ ଅଭିଯୋଗ ମଧ୍ୟ କରିଥିଲେ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।



ଅକାମୀ ହୋଇପଡ଼ିଥିବା କେନାଲ।

# ପ୍ରତିଭାଙ୍କୁ ବିକଶିତ କରେ 'ସୁରଭି'

**ହାଟଡିହୀ, ୭।୧୦(ସ୍ୱ.ପ୍ର.)**

ବ୍ଲକସ୍ତରୀୟ ଶିଶୁ ମହୋତ୍ସବ 'ସୁରଭ' କାର୍ଯ୍ୟକ୍ରମ ହାଟଡିହୀର ଶାଳଣିଆ ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବାଲୁକା ଶିଳ୍ପୀ ପଦ୍ମନାଭ ସେଠୀଙ୍କ ଦ୍ୱାରା ଏକ ଜଗନ୍ନାଥଙ୍କ ଚିତ୍ର ନିର୍ମାଣ କରାଯାଇ 'ସୁରଭି'କୁ ସ୍ୱାଗତ କରାଯାଇଥିଲା। ଅୟୋଜିତ ସଭାରେ ହାଇସ୍କୁଲ ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ସାହୁ ଓ ନୋଡାଲ ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଭୟ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ହାଟଡିହୀ ବ୍ଲକ ଅଧ୍ୟକ୍ଷା ସଞ୍ଜୁଲତା ବିଶ୍ୱାଳ, ଜିଲାପରିଷଦ ସଦସ୍ୟା ଜୟପ୍ରଦା ସା, ଭଦ୍ରକ ମନମୋହନ ସଙ୍ଗୀତ ପରିଷଦର ଅଧ୍ୟକ୍ଷ ଡ. କେଶବ ଚନ୍ଦ୍ର ଜେନା, ଜଗନ୍ନାଥ ଓ ମା' ତାରିଣୀଙ୍କ ଫଟୋରେ ଫୁଲଧୂପ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୋଟ ୨୦ ଗୋଟି କ୍ଲଷ୍ଟରର ୩ ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ମୋଟ ୧୭ ବିଭାଗରେ ପ୍ରତିଯୋଗିତା ହୋଇଥିଲା। ଶିକ୍ଷକ ଗଜେନ୍ଦ୍ର କୁମାର



ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ।

**ହାଟଡିହୀ ବ୍ଲକ**
- ପୁରସ୍କୃତ ହେଲେ କୃତୀ ଛାତ୍ରୀଛାତ୍ର
- ଭାଗ ନେଲେ ୩ ଶହରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ

ସେଠୀ, ମୃତ୍ୟୁଞ୍ଜୟ ପଲେଇ ସଭା ପରିଚାଳନା କରିଥିଲେ।

ଉଦ୍‌ଯାପନୀ ସଭାରେ ଆନନ୍ଦପୁର ବିଧାୟକ ମାୟାଧର ଯେନା, ଶାସଙ୍ଗ ସରପଞ୍ଚ ବିମ୍ବାଧର ବିଶ୍ୱାଳ, ଜିଲାପରିଷଦ ସଭ୍ୟ ସୁରେନ୍ଦ୍ର ଜେନା, ଏବିଇଓ ସୁରେଶ ଜେନା, ଶିକ୍ଷକ କୋଦଣ୍ଡଧର ମହାନ୍ତି, ପୂର୍ବତନ ସମିତି ସଭ୍ୟ ବିରେନ୍ଦ୍ର ବିଶ୍ୱାଳ ପ୍ରମୁଖ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ସରକାରଙ୍କର 'ସୁରଭି' କାର୍ଯ୍ୟକ୍ରମ ଦ୍ୱାରା ଛାତ୍ରୀଛାତ୍ରଙ୍କଠାରେ ମଧ୍ୟରେ ଲୁଚି ରହିଥିବା ପ୍ରତିଭା ବିକଶିତ ହୋଇପାରିବ ବୋଲି ମତ ପ୍ରକାଶ ପାଇଥିଲା। ରେଡିଓ କଳାକାର ମଦନ ମୋହନ ସାହୁ, ମେଲୋଡି କଳାକାର ବୁଲୁ ଦାସ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପର୍ଶୁରାମ ନାୟକ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଅଜୟ କୁମାର ପୃଷ୍ଟି ଓ ଅଲେଖ ନାୟକ, ଶିକ୍ଷକ ଭରତ ଚନ୍ଦ୍ର ପ୍ରଧାନ, ରମାକାନ୍ତ ଜେନା, ନିରଞ୍ଜନ ସାହୁ ଓ ରମେଶ ଚନ୍ଦ୍ର କର ବିଚାରପତି ଭାବେ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ ହୋଇଥିଲା। ଶିକ୍ଷକ ରବିନ୍ଦ୍ର ନାଥ ବେହେରା, ବଳରାମ ନାୟକ, ରାଧାଶ୍ୟାମ ନାୟକ, ରମେଶ ଚନ୍ଦ୍ର ନାୟକ, ରତ୍ନାକର ଦ୍ୱିବେଦୀ, ସୁବାସ ଚନ୍ଦ୍ର ଜେନା, ପ୍ରଦୀପ ବିସ୍ୱାଳ, ହାସ୍ୟମୟୀ ରାଜ, ହରିହର ବେହେରା, ନାରାୟଣ ବାରିକ, ପ୍ରସନ୍ନ ବେହେରା, ବିଜୟ ଜେନା, ଶିଶିର ବିଶ୍ୱାଳ, ହରମୋହନ ପଣ୍ଡା, ନାରାୟଣ ଲେଙ୍କା, ରତ୍ନାକର ପଣ୍ଡା, ବିଷ୍ଣୁ ପ୍ରସାଦ ସାହୁ, ନବଘନ ନାୟକ, ନିଶିକାନ୍ତ ବିଶ୍ୱାଳ, ସୁଧାଂଶୁ ବିଶ୍ୱାଳ, ଆକାଶ ସାହୁ, ରତ୍ନାକର ଦେହୁରି ପ୍ରମୁଖଙ୍କ ସମେତ ବିଭିନ୍ନ ବିଦ୍ୟାଳୟର ଶିକ୍ଷୟତ୍ରୀଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

## ସଂକ୍ଷେପରେ

### ୨୮ରେ ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ



**ଖଇରା, ୭।୧୦(ଡି.ଏନ.ଏ.):** ଖଇରା ସାହିତ୍ୟ ସଂସଦର ଏକ ପ୍ରସ୍ତୁତି ବୈଠକ ଶନିବାର ସ୍ଥାନୀୟ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସ୍ଥାୟୀ ସଭାପତି ମାୟାଧର ନାୟକ ଏଥିରେ ଅଧକ୍ଷତା କରିଥିଲେ। ଆସନ୍ତା ୨୮ତାରିଖରେ ବାର୍ଷିକ ଉତ୍ସବ ପାଳନ ପାଇଁ ଚୂଡାନ୍ତ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ପରେ ଉତ୍ସବରେ ଅତିଥି ଚୟନ ଏବଂ ଅନ୍ୟାନ୍ୟ ଦିଗ ଉପରେ ଆଲୋଚନା କରାଯାଇଥିଲା। ୧୩ତାରିଖ ଅପରାହ୍ନରେ ଅନୁଷ୍ଠିତ ହେବାକୁ ଥିବା ସଂସଦର ପରବର୍ତ୍ତୀ ବୈଠକରେ ସମସ୍ତେ ଉପସ୍ଥିତ ରହିବାକୁ ଅନୁରୋଧ କରାଯାଇଥିଲା। ବୈଠକରେ ସମ୍ପାଦକ ଉମେଶ ଚନ୍ଦ୍ର ନାୟକ, ଡ. ଶ୍ୟାମସୁନ୍ଦର ପ୍ରଧାନ, ପଦ୍ମନାଭ ଶନିବିଗ୍ରହ, ବସନ୍ତ କୁମାର ଦାସ, ସୁରମା ପାଣି, ଦେବେନ୍ଦ୍ର ରାଉତ, ସୁରମା ପାଣି, କୈଳାସ ଚନ୍ଦ୍ର ପୃଷ୍ଟି, ରମେଶ ଚନ୍ଦ୍ର ସାହୁ,ସଂକୀର୍ତ୍ତନ ପଣ୍ଡା, ରଘୁନାଥ ନାୟକ, ସୋମନାଥ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

### ଭାଜପାର ପଥପ୍ରାନ୍ତ ସଭା

**ଔପଦା, ୭।୧୦(ଡି.ଏନ.ଏ.):** ଆୟୁଷ୍ମାନ ଭାରତ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଇବା ଲାଗି ବାଲେଶ୍ୱର ଜିଲା ଔପଦା ବ୍ଲକର ବିଭିନ୍ନ ପଞ୍ଚାୟତରେ ଭାଜପା ପକ୍ଷରୁ ଏକ ଜନଜାଗରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଫତେପୁର, ରାଏରାମଚନ୍ଦ୍ରପୁର ଓ ବଡ଼ପୋଖରୀ ପଞ୍ଚାୟତ ସହ ଔପଦା ସଦର ତଳକିଆ ପଞ୍ଚାୟତରେ ପଥପ୍ରାନ୍ତ ସଭା କରାଯାଇଛି। ଔପଦା ବଜାର ଇନ୍ଦିରା ଗାନ୍ଧୀ ଗୋଲେଇରେ ଅନୁଷ୍ଠିତ ସଭାରେ ଭାଜପାର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଉଦ୍‌ବୋଧନ ଦେଇଥିଲେ। ଏଥିରେ ଷଡ଼ଙ୍ଗୀ ନବୀନଙ୍କ ବିଜେଡି ସରକାରଙ୍କୁ ଜନସ୍ୱାର୍ଥ ବିରୋଧୀ କହିବା ସହ 'ଆୟୁଷ୍ମାନ ଭାରତ' ଯୋଜନାରେ ଓଡ଼ିଶାକୁ ସାମିଲ ନ କରିବା ନବୀନବାବୁଙ୍କ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ହୀନମାନ୍ୟତାର ପରିଚୟ ଦିଏ ବୋଲି ଅଭିଯୋଗ କରିଥିଲେ। ରାଜ୍ୟ ମହିଳା ସଭାନେତ୍ରୀ ମନୀଷା ବେହେରା, ସ୍ଥାନୀୟ ଯୁବନେତା ଅଜୟ କୁମାର ପ୍ରଧାନ, ଲକ୍ଷ୍ମୀକାନ୍ତ ବେହେରା, ପର୍ଶୁରାମ ଲେଙ୍କା, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ କାର୍ତ୍ତିକେଶ୍ୱର ପଣ୍ଡା ପ୍ରମୁଖ ବକ୍ତବ୍ୟ ରଖିଥିଲେ।

### ଜନସମ୍ପର୍କ ପଦଯାତ୍ରା



**ରେମୁଣା, ୭।୧୦(ଡି.ଏନ.ଏ.):** ରେମୁଣା ବିଜୁ ଜନତା ଦଳ ତରଫରୁ ରବିବାର ଜନସମ୍ପର୍କ ପଦଯାତ୍ରା ଚଷାଖଣ୍ଡ ପଞ୍ଚାୟତର ପଦାବଡ଼ଗାଁ ଗ୍ରାମରୁ ଆରମ୍ଭ ହୋଇଥିଲା। ପୂର୍ବାହ୍ନ ୧୦ଟାରେ ଶହ ଶହ ମହିଳା, ଯୁବକ, ଛାତ୍ର ଓ ବରିଷ୍ଠ ବ୍ୟକ୍ତିମାନେ ଏକ ପଦଯାତ୍ରାରେ ବାହାରିଥିଲେ। ଏଥିରେ ବ୍ଲକ ସଭାପତି ନଳିନୀ ପଣ୍ଡା, ପୂର୍ବତନ ବିଧାୟକ ସୁଦର୍ଶନ ଜେନା, ଏମ୍‌ପି ପ୍ରତିନିଧି ପ୍ରଭାତ ବିଶ୍ୱାଳ, ରେମୁଣା ପର୍ଯ୍ୟବେକ୍ଷକ ଅଜୟ କୁମାର ନାୟକ, ଜିଲା ସାଧାରଣ ସମ୍ପାଦକ ବରଦା ପ୍ରସନ୍ନ ପଟ୍ଟନାୟକ, ଦିଲୀପ ନାୟକ, ଗୌରୀ ବେହେରା, ଶତ୍ରୁଘ୍ନ ମଲ୍ଲିକ, ସୁଦାମ ପରିଡ଼ା, ଦୀପକ ମଲ୍ଲିକ, ଅମରେଶ ମାଟି, ପଞ୍ଚାୟତ ସଭାପତି ସୁବାସ ଲେଙ୍କା, ସରପଞ୍ଚ ଜାନକୀ ସିଂ ଓ ଅନ୍ୟାନ୍ୟ ପଦାଧିକାରୀ ବ୍ୟକ୍ତିମାନେ ପଦାବଡ଼ଗାଁ ସ୍କୁଲ ପାଖ ପଦାରେ ପହଞ୍ଚି ଏକ ସାଧାରଣ ସଭାରେ ଉଦ୍‌ବୋଧନ ଦେଇଥିଲେ। ସାଧାରଣ ସଭାରେ ହଜାରେରୁ ଊର୍ଦ୍ଧ୍ୱ ସାଧାରଣ ଜନତା ଉପସ୍ଥିତ ଥିଲେ। କେନ୍ଦ୍ର ସରକାରଙ୍କ ଓଡ଼ିଶା ପ୍ରତି ଅବହେଳା ସତ୍ତ୍ୱେ ନବୀନ ବାବୁଙ୍କର ଜନହିତକର କାର୍ଯ୍ୟକ୍ରମ ଓ ଯୋଜନାଗୁଡ଼ିକ ଉପସ୍ଥିତ ବକ୍ତାମାନେ ସେମାନଙ୍କ ବକ୍ତବ୍ୟରେ ଉପସ୍ଥାପନ କରିଥିଲେ।

## ମିଳୁନି ଖାଉଟି ସାମଗ୍ରୀ

# ଗ୍ରାମବାସୀ ପ୍ରଶାସନର ଦ୍ୱାରସ୍ଥ

ଖଇରା,୭।୧୦(ଡି.ଏନ.ଏ.)

ଖଇରା ବ୍ଲକ ରପେୟା ପଞ୍ଚାୟତ ଅଧୀନ ବଡ଼ମୁହାଁ, ଦିଗଛିଆ, ଚୌଧୁରୀପୋଖରୀ ଗ୍ରାମର ଖାଉଟିମାନଙ୍କୁ ନିର୍ଦ୍ଧାରିତ ସମୟରେ ଯୋଗାଣ ସାମଗ୍ରୀ ମିଳୁ ନ ଥିବା ନେଇ ୩ ଗ୍ରାମର ଶତାଧିକ ହିତାଧିକାରୀ ଖଇରା ବିଡିଓ ମହେଶ ଚୌଧୁରୀ ଓ ବିପ୍ଣଣି ନିରୀକ୍ଷକ ନିରଞ୍ଜନ ସାହୁଙ୍କୁ ଶୁକ୍ରବାର ଲିଖିତ ଭାବେ ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁଯାୟୀ ଖାଉଟିମାନେ ସରକାରୀ ଧାର୍ଯ୍ୟ ତାରିଖରେ ସାମଗ୍ରୀ ଆଣିବାକୁ ନଛିପୁର କେନ୍ଦ୍ରର ରିଟେଲରଙ୍କ ପାଖକୁ ଯାଇଥାନ୍ତି। ହେଲେ ରିଟେଲର ଜିନିଷ ଆସି ନ ଥିବା କଥା କହି ବାରମ୍ବାର ଫେରାଉଛନ୍ତି। ଗାଁରୁ ରିଟେଲ କେନ୍ଦ୍ର ୪କି.ମି.ରୁ ଅଧିକ ହୋଇଥିବାବେଳେ ହିତାଧିକାରୀଙ୍କୁ ବାରମ୍ବାର ଯିବା କଷ୍ଟସାଧ ହୋଇ ପଡୁଛି। ଏଥିଯୋଗୁ ଅନେକ ମାସ ହିତାଧିକାରୀମାନଙ୍କୁ ଚାଉଳ ହରାଇବାକୁ ପଡୁଛି। ହିତାଧିକାରୀମାନଙ୍କ ସୁବିଧା ପାଇଁ ବଡ଼ମୁହାଁଠାରେ ଏକ ରିଟେଲ କେନ୍ଦ୍ର ଖୋଲିବାକୁ ସମିତିସଭ୍ୟା ଅନିତା ନାୟକ ତଥା ବିଭିନ୍ନ ଗ୍ରାମର ହିତାଧିକାରୀ ଶ୍ୟାମସୁନ୍ଦର ଦାସ, ପୂର୍ଣ୍ଣଚନ୍ଦ୍ର ଦାସ, ହୃଷୀକେଶ ଦାସ, ଲୋଚନ ଦାସ, କ୍ଷୀରୋଦ କୁମାର ଦାସ, ଅଭିମନ୍ୟୁ ଜେନା ଓ ଭଗବାନ ଜେନା ପ୍ରମୁଖ ଦାବି କରିଛନ୍ତି। ଯଦି ପ୍ରଶାସନ ସେମାନଙ୍କର ଦାବିକୁ ଉପେକ୍ଷା କରନ୍ତି ସେମାନେ ବାଧ ହୋଇ ବ୍ଲକ ସମ୍ମୁଖରେ ଗଣଧାରଣାରେ ବସିବାକୁ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ବ୍ଲକ ବିପ୍ଣଣି ନିରୀକ୍ଷକ ନିରଞ୍ଜନ ସାହୁଙ୍କୁ ପଚାରିବାରେ ସେ ଅଭିଯୋଗ ପାଇବା ପରେ ରିଟେଲରଙ୍କୁ ତାଗିଦ୍ କରିଛନ୍ତି। ଯଦି ଖାଉଟିଙ୍କ ସମସ୍ୟା ସମାଧାନ ଦିଗରେ ସେ ବିଫଳ ହୁଅନ୍ତି ତେବେ ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।



କେନ୍ଦ୍ରରୁ ନିରାଶ ହୋଇ ଫେରୁଥିବା ବିଭିନ୍ନ ଗ୍ରାମର ହିତାଧିକାରୀ।





ବନ୍ୟପ୍ରାଣୀ ସଂରକ୍ଷଣ ସପ୍ତାହ ପାଳନ ଅବସରରେ ମଞ୍ଚାସୀନ ଅତିଥି।

## ବନ୍ୟପ୍ରାଣୀ ସଂରକ୍ଷଣ ସପ୍ତାହ

ରେମୁଣା, ୭।୧୦(ଡି.ଏନ.ଏ.)

ଜିଲା ବନ ବିଭାଗ ଏବଂ ଫକୀରମୋହନ ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ବିଶ୍ୱବିଦ୍ୟାଳୟ ପରିସରରେ ୬୪ତମ ବନ୍ୟ ପ୍ରାଣୀ ସଂରକ୍ଷଣ ସପ୍ତାହ ପାଳିତ ହୋଇଛି। ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ମଣିଷ ନିଜର ସ୍ୱାର୍ଥସାଧନ ପାଇଁ ସାରା ବିଶ୍ୱର କିପରି ଧ୍ୱଂସ ଲୀଳା ରଚାଇ ଚାଲିଛି ସେ ସମ୍ପର୍କରେ ଆଲୋଚନା କରିଥିଲେ। ମଣିଷ ନିଜେ ବଞ୍ଚିବା ସହିତ ନିଜ ସ୍ୱାର୍ଥ ପାଇଁ ବନ୍ୟ ଜୀବଜନ୍ତୁଙ୍କ ବଇରି ନ ହେଉ ବୋଲି ବନ ବିଭାଗ ଆନୁକୂଲ୍ୟରେ ଫକୀରମୋହନ ବିଶ୍ୱବିଦ୍ୟାଳୟଠାରେ ଆୟୋଜିତ ୬୪ତମ ଜିଲାସ୍ତରୀୟ ବନ୍ୟପ୍ରାଣୀ ସଂରକ୍ଷଣ ସପ୍ତାହ ପାଳନ ଅବସରରେ ବିଶିଷ୍ଟ ବ୍ୟକ୍ତି ମତ ଦେଇଛନ୍ତି।

କୁଳପତି ପ୍ରଫେସର ଡ. ମଧୁମିତା ଦାସ, ପିଜି କାଉନସିଲ ଚେୟାରମ୍ୟାନ ପ୍ରଫେସର ସୂର୍ଯ୍ୟେନ୍ଦୁ କୁମାର ଦେ, ଉପଜିଲାପାଳ ନୀଲୁ ମହାପାତ୍ର, ଜିଲା ବନ ବିଭାଗ ଅଧିକାରୀ ବି. ପି. ଦାଶ, 'ପ୍ରଭା'ର ସୁବ୍ରତ ନାୟକ, ସିଡିଭିଓ ଡ. ନିତ୍ୟାନନ୍ଦ ଦାସ, ଲକ୍ଷ୍ମଣ ପ୍ରଧାନ, ନାରାୟଣ ଚନ୍ଦ୍ର ପ୍ରମୁଖ ଯୋଗଦେଇ ବକ୍ତବ୍ୟ ଦେଇଥିଲେ। ଅଙ୍କିତା ମହାନ୍ତି ମଞ୍ଚ ପରିଚାଳନା କରିଥିବାବେଳେ ନୀଳଗିରି ରେଞ୍ଜର ସୁକୁମାର ଦାସ ଧନ୍ୟବାଦ ଦେଇଥିଲେ। ଛାତ୍ରୀଛାତ୍ର ଓ ବିଭାଗର କର୍ମକର୍ତ୍ତା ଯୋଗଦେଇଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ବସ୍ତାରେ 'ମୁଁ ହିରୋ ମୁଁ ଓଡ଼ିଶା' କାର୍ଯ୍ୟକ୍ରମ

ବସ୍ତା, ୭।୧୦(ସ୍ୱ.ପ୍ର.)

ବସ୍ତା ବ୍ଲକ ବିଭିନ୍ନ ପଞ୍ଚାୟତରେ ବିଜୁ ଯୁବବାହିନୀ ତରଫରୁ 'ମୁଁ ହିରୋ ମୁଁ ଓଡ଼ିଶା' କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଶନିବାର ଅପରାହ୍ନରେ ସାହାଡ଼ା ପଞ୍ଚାୟତ ତରଫରୁ ସାହାଡ଼ା ମାର୍କେଟ୍ ପରିସରରେ ବରିଷ୍ଠ ଶିକ୍ଷାବିତ୍ ରମେଶ ଚନ୍ଦ୍ର ଦାସଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସାହାଡ଼ା ସରପଞ୍ଚ ସୁଜାତାରାଣୀ ଦଣ୍ଡପାଟ, ବାଲେଶ୍ୱର ଏମ୍‌ପି ପ୍ରତିନିଧି ମହାଦେବ ଦାସ, ଯୁବ ବିଜେଡି ସଭାପତି ଅରୁଣ କୁମାର ବାରିକ, ସମିତିସଭ୍ୟ ଶିବ ନାରାୟଣ ସେନାପତି, ବିଜୁ ଯୁବ ବାହିନୀ ସଭାପତି ପୂର୍ଣ୍ଣଚନ୍ଦ୍ର ଯେନା ପ୍ରମୁଖ ଯୋଗଦେଇ ଯୁବକମାନଙ୍କ ମଧ୍ୟରେ ଲୁକ୍କାୟିତ ପ୍ରତିଭାକୁ ବିକଶିତ କରାଇବା, ଦୁର୍ନୀତି ତଥା ଭ୍ରଷ୍ଟାଚାରଠାରୁ ଦୂରେଇ ରହି ସମାଜ ଲାଗି କାମ କରିବା ପାଇଁ ପରାମର୍ଶ ଦେଇଥିଲେ।

ଅନୁରୂପ ଭାବେ ଇଡ଼ିଦା ଗ୍ରାମପଞ୍ଚାୟତରେ ରବିବାର ଜିଲାପରିଷଦ ସଦସ୍ୟ ନବକୃଷ୍ଣ ଦାସଙ୍କ ଆହ୍ୱାନକ୍ରମେ ନାରଗୋଦାଠାରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସରପଞ୍ଚ ଦେବୀ ପ୍ରସାଦ ଭଞ୍ଜ, ରାଧାକୃଷ୍ଣ ମୈକାପ, ଶିକ୍ଷାବିତ୍ ପର୍ଶୁରାମ ଦେ, ସୁବଳଚନ୍ଦ୍ର ବାରିକ, ଘନଶ୍ୟାମ ପାତ୍ର ପ୍ରମୁଖ ଯୋଗଦେଇ ଯୁବକମାନଙ୍କୁ ସମାଜର ହିତ ପାଇଁ କାମ କରିବାକୁ ପରାମର୍ଶ ଦେଇଥିଲେ। ତଦନୁରୂପ ଭାବେ ବସ୍ତାର ସଦାନନ୍ଦପୁର ପଞ୍ଚାୟତରେ ମଧ୍ୟ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ସୁବାସିନୀ ଜେନା, ଏମ୍‌ପି ପ୍ରତିନିଧି ମହାଦେବ ଦାସ ପ୍ରମୁଖ ଯୋଗଦେଇଥିଲେ।





ମୁଁ ହିରୋ ମୁଁ ଓଡ଼ିଶା କାର୍ଯ୍ୟକ୍ରମରେ ଅତିଥି।

## ଅଜଣା ଗାଡ଼ି ଧକ୍କାରେ ମହିଳା ମୃତ

ରୂପ୍‌ସା, ୭।୧୦(ଡି.ଏନ.ଏ.)

ବାଲେଶ୍ୱର ୬୦ନଂ. ଜାତୀୟ ରାଜପଥର ସଦର ବ୍ଲକ ହଳଦୀପଦା ବାଇପାସ୍‌ଠାରେ ଶନିବାର ରାତିରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତ ମହିଳାଙ୍କ ପରିଚୟ ଜଣାପଡ଼ିନାହିଁ। ଏ ନେଇ ବସ୍ତା ଥାନାରେ ପୋଲିସ୍ ଏକ ମାମଲା (ନଂ. ୨୬୫/୧୮) ରୁଜୁ କରି ତଦନ୍ତ ଚଳାଇଛି। ମହିଳା ଜଣକ ମାନସିକ ବିକୃତ ବୋଲି ପୋଲିସ ଅନୁମାନ କରୁଛି। ରାଜପଥରେ ମୃତଦେହ ପଡ଼ିଥିବା ଖବରପାଇ ପୋଲିସ ପହଞ୍ଚିଥିଲା।

## ବିଜେଡିର ଜନସମ୍ପର୍କ ପଦଯାତ୍ରା

ଔପଦା, ୭।୧୦(ଡି.ଏନ.ଏ.)

ବାଲେଶ୍ୱର ଜିଲା ଔପଦା ବ୍ଲକର ଫତେପୁର ଓ ରାଏରାମଚନ୍ଦ୍ରପୁର ପଞ୍ଚାୟତରେ ବିଜେଡିର ଜନସମ୍ପର୍କ ପଦଯାତ୍ରା ସ୍ଥାନୀୟ ବିଧାୟକ ଇଂ. ସୁକାନ୍ତ କୁମାର ନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ଅପରାହ୍ନରେ ଫତେପୁର ଓ ଆର୍‌ଆର୍‌ପୁର ପଞ୍ଚାୟତର ଗାଁକୁ ଗାଁ ପଦଯାତ୍ରା କରି ବିଜେଡିର ଶହ ଶହ କର୍ମୀ ଫତେପୁର ଓ କେନ୍ଦୁପଦା ହାଟ ପଡ଼ିଆରେ ଏକ ସାଧାରଣ ସଭାରେ ସାମିଲ ହୋଇଥିଲେ। ଔପଦା ବ୍ଲକ ବିଜେଡି ସଭାପତି ରମାକାନ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଜେଡି ଜିଲା ସମ୍ପାଦକ ନିରଞ୍ଜନ ମହାନ୍ତି, ପୂର୍ବତନ ସରପଞ୍ଚ ଜନାର୍ଦ୍ଦନ ପଣ୍ଡା, ପୂର୍ବତନ ଜିଲାପରିଷଦ ସଭ୍ୟ ଅନିରୁଦ୍ଧ ବିଶ୍ୱାଳ, ସ୍ଥାନୀୟ ସମିତିସଭ୍ୟା ପଦ୍ମାବତୀ ପରିଡ଼ା, ସ୍ଥାନୀୟ ବିଜେଡି ନେତା ଗୟାଧର ସେଠୀ, ଅଧିକାରୀ ପରିଡ଼ା, ନୀଳମଣି ରାଉତ ପ୍ରମୁଖ କେନ୍ଦ୍ର ସରକାରଙ୍କ ଓଡ଼ିଶା ବିରୋଧୀ ନୀତିର ତୀବ୍ର ସମାଲୋଚନା କରିଥିଲେ।

## ଏଲ୍‌ପିଜି ବଟଲିଂ ପ୍ଲାଣ୍ଟ ସମ୍ମୁଖରେ ଧାରଣା ଜାରି

ରେମୁଣା, ୭।୧୦(ଡି.ଏନ.ଏ.)

ଶିଳ୍ପାଞ୍ଚଳ ଥାନା ଅଧୀନ ଚଣପୁରସ୍ଥିତ ଏଲପିଜି ବଟଲିଂ ପ୍ଲାଣ୍ଟ ସମ୍ମୁଖରେ ଆଞ୍ଚଳିକ ପରିବହନ ମାଲିକ ସଂଘ ପକ୍ଷରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଆରମ୍ଭ ହୋଇଛି। ପ୍ଲାଣ୍ଟରୁ ଗ୍ୟାସ ଟାଙ୍କି ପରିବହନ ପାଇଁ ସଂଘ କର୍ମକର୍ତ୍ତାଙ୍କ ଟ୍ରକ ବ୍ୟବହାର ହେଉଥିବା, ପୁନଃ ନବୀକରଣ ପାଇଁ ଭୁବନେଶ୍ୱର ଆଞ୍ଚଳିକ ଅଫିସରେ ଟେଣ୍ଡର ପ୍ରକ୍ରିୟା ଚାଲିଥିବା ବେଳେ ପ୍ଲାଣ୍ଟ କର୍ତ୍ତୃପକ୍ଷ ବାହାର ଟ୍ରକଗୁଡ଼ିକୁ ପରିବହନ କ୍ଷେତ୍ରରେ ନିୟୋଜିତ କରୁଛନ୍ତି। ପରିବହନ ମାଲିକ ସଂଘ ଏହାକୁ ତୀବ୍ର ବିରୋଧ କରାଯାଇ ଧାରଣା ଦିଆଯାଇଛି। ମାଲିକ ସଂଘ ପକ୍ଷରୁ ପ୍ରଶାନ୍ତ କୁମାର ଦାସ, ବୃନ୍ଦାବନ ପଣ୍ଡା, ବସନ୍ତ କୁମାର ମହାନ୍ତି, ମାୟାଧର ପଣ୍ଡା, ପ୍ରଭାସ ଚନ୍ଦ୍ର ପାଣି, ସୂର୍ଯ୍ୟ କୁମାର ସାହୁ, ଅଶୋକ କୁମାର ପାତ୍ର, ସୁବର୍ଣ୍ଣ ସେଠୀ, ଶଶିକଳା ଯାଦବ, ରବୀନ୍ଦ୍ର କୁମାର ପାଢ଼ିଙ୍କ ସମେତ ସମସ୍ତ ସଦସ୍ୟ ଧାରଣାରେ ବସିଥିଲେ। ପୂର୍ବତନ ବିଧାୟକ ଅରୁଣ ଦେ ଏବଂ ଗୋପନାରାୟଣ ଦାସ ସେମାନଙ୍କୁ ସମର୍ଥନ ଜଣାଇଛନ୍ତି।



ବଟଲିଂ ପ୍ଲାଣ୍ଟ ସମ୍ମୁଖରେ ଆଞ୍ଚଳିକ ପରିବହନ ମାଲିକ ସଂଘ କର୍ମକର୍ତ୍ତା ଧାରଣାରେ ବସିଛନ୍ତି।

## ଭୋଗରାଇରେ କଂଗ୍ରେସର ଜାଗରଣ ଯାତ୍ରା

# 'କଂଗ୍ରେସ ନେତୃତ୍ୱ ନେଲେ ପ୍ରଗତି ଆସିବ'

ଭୋଗରାଇ, ୭।୧୦(ଡି.ଏନ.ଏ.)

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଥାନା ଛକ ସ୍ଥିତ କମ୍ୟୁନିଟି ସେଣ୍ଟର ସମ୍ମୁଖରେ ପ୍ରଦେଶ କଂଗ୍ରେସ ପକ୍ଷରୁ ଶନିବାର ସନ୍ଧ୍ୟାରୁ ଜନଜାଗରଣ ଯାତ୍ରା ଆରମ୍ଭ ହୋଇଛି। ରାଜ୍ୟରେ ଶୋଷିତ, ନିର୍ଯାତିତ, ଅବହେଳିତ, ଜନସାଧାରଣଙ୍କ ସହିତ ସିଧାସଳଖ ସମ୍ପର୍କ ଯୋଡ଼ିବା ଏହି ଜାଗରଣ ଯାତ୍ରାର ଲକ୍ଷ୍ୟ। ଜିଲା କଂଗ୍ରେସ ସଭାପତି ଶରତ ରାଜ ପୌରୋହିତ୍ୟ କରିଥିଲେ। ପ୍ରଦେଶ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକ, କାର୍ଯ୍ୟକାରୀ ସଭାପତି ଚିରଞ୍ଜୀବ ବିଶ୍ୱାଳ, ଏଆଇସିସି ସମ୍ପାଦକ ରୁଦ୍ର ରାଜୁ, ପୂର୍ବତନ ଏମ୍‌ପି ଶ୍ରୀକାନ୍ତ ଜେନା, ଡ. କାର୍ତ୍ତିକେଶ୍ୱର ପାତ୍ର, ମହିଳା କଂଗ୍ରେସର ସଭାପତି ସୁମିତ୍ରା ଜେନା, ଉପ-ସଭାପତି ଦେବାଶିଷ ପଟ୍ଟନାୟକ, ପୂର୍ବତନ ମହିଳା କଂଗ୍ରେସର ସଭାନେତ୍ରୀ ଉମାରାଣୀ ପାତ୍ର, ଜିଲା ସମ୍ପାଦକ ସନ୍ତୋଷ କୁମାର ଜେନା, ସୁମନ୍ତ ବେହେରା ପ୍ରମୁଖ ବହୁ ନେତୃ ବିଜେଡି ଓ ଭାଜପା ସରକାରଙ୍କୁ କଟୁ ସମାଲୋଚନା କରିଥିଲେ। କଂଗ୍ରେସ ନେତୃତ୍ୱରେ ଓଡ଼ିଶାର ପ୍ରଗତି ଆସିବ ବୋଲି ନେତାମାନେ ମତବ୍ୟକ୍ତ କରିଥିଲେ। କଂଗ୍ରେସର ସଂକଳ୍ପ ଓ ଜାଗରଣ ଯାତ୍ରାରେ ପ୍ରଦେଶ କଂଗ୍ରେସର ନେତୃବୃନ୍ଦଙ୍କୁ ଯୁବ କଂଗ୍ରେସ ପକ୍ଷରୁ ବାଇକ୍ ଶୋଭାଯାତ୍ରାରେ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା।



କଂଗ୍ରେସର ଜାଗରଣ ଯାତ୍ରା ମଞ୍ଚରେ ନେତୃମଣ୍ଡଳୀ।

# ଓଡ଼ିଶା ରାଇଜ ଛାଡ଼





ଡ. ସୁରେନ୍ଦ୍ର କୁମାର ମିଶ୍ର

ପୂର୍ବ ସଂଖ୍ୟାରେ ବକ୍ସି ଜଗବନ୍ଧୁଙ୍କ ସମ୍ବନ୍ଧରେ ସରକାରୀ ନଥିପତ୍ରରେ ରହିଥିବା କେତେକ ରହସ୍ୟକୁ ଆମେ ଉପରାଷ୍ଟ୍ରପତି ଭେଙ୍କାୟା ନାଇଡୁଙ୍କଦ୍ୱାରା ଲୋକାର୍ପିତ 'ଜୟୀ ରାଜଗୁରୁ ଆଣ୍ଡ ଆଣ୍ଟି କଲୋନିଆଲ ରେଜିଷ୍ଟାନ୍ସ ଇନ୍ ଖୁର୍ଦ୍ଧା' ପୁସ୍ତକ ସହାୟତାରେ ଲେଖିଥିଲୁ। କଥା ସରିନି। ସବୁ ରହସ୍ୟ ଆସିନି। ଆମେ କେବଳ ଉଡ଼ାଣିଆ କଥା କହୁଥିବା ବ୍ୟକ୍ତିବିଶେଷଙ୍କ ଜାଣିବା ପାଇଁ ଦୁଇ/ତିନୋଟି ଉଦାହରଣ ଦେଲୁ। ପୂର୍ବରୁ ସୂଚନା ଦେଇଥିଲୁ ଇଂରେଜ ସରକାରଙ୍କୁ ଗଜପତି ଲେଖିଥିବା ଚିଠିରେ ଦୁଇଟି ପ୍ରସଙ୍ଗ ଲକ୍ଷ୍ୟ କରିବା କଥା। ଗୋଟିଏ କଥା ଆମେ ଜାଣିଲେ ୧୮୦୪ ଯୁଦ୍ଧରେ ବକ୍ସି ଜଗବନ୍ଧୁଙ୍କର ବିଶେଷକ ଭୂମିକା ନଥିଲା। ଏହା ମଧ୍ୟ ମଧୁସୂଦନ ବିପ୍ରଙ୍କ ଲିଖିତ 'ଫିରିଙ୍ଗି କଳି ଭାରତ' ପୁସ୍ତକରୁ ଆମେ ଜାଣିଥିଲେ। କାଳେ ତାଳପତ୍ର ପୋଥିରୁ ଉତାରିବା ବେଳେ ଜଗବନ୍ଧୁଙ୍କ କଥା ଛାଡ଼ି ଯାଇଥିବେ ଭାବି ଫକୀର ହରିଚନ୍ଦନ ଯେଉଁ ଅନୁସନ୍ଧାନ କରିଥିଲେ ତାହା ପୂର୍ବ ଆଲୋଚନାରେ ଆମେ ସୂଚନା ଦେଇଥିଲୁ। ସେଇ ଚିଠିରେ ଦ୍ୱିତୀୟ ପ୍ରସଙ୍ଗଟି- ଗଜପତିଙ୍କ ଚିଠିର ବିଷୟବସ୍ତୁ ଓ ଗଜପତିଙ୍କ ତତ୍କାଳୀନ ଆଭିମୁଖ୍ୟ।

ଚିଠିରୁ ଜଣାପଡୁଛି ଦୁଇରୁ ତିନି ହଜାର ପାଇକଙ୍କୁ ସାଙ୍ଗରେ ନେଇ ଜଗବନ୍ଧୁ ପୁରୀରେ ଗଜପତିଙ୍କୁ ଭେଟିଥିଲେ। ମହାରାଣୀଙ୍କ ସହିତ ଗଜପତି ନିଜେ ଖୋର୍ଦ୍ଧା ଦୁର୍ଗରେ ପଦାର୍ପଣ କରନ୍ତୁ ବୋଲି ସେ ନିବେଦନ କରିଥିଲେ। ଗଜପତି ରୋକଠୋକ ମନା କରି ଦେଇଥିଲେ, କିନ୍ତୁ ଇଂରେଜ ସରକାରଙ୍କୁ ସୁରକ୍ଷା ଦେବା ପାଇଁ ଚିଠି ଲେଖିବା ପରେ ଗଜପତିଙ୍କୁ ଓଲଟା ଫଳ ମିଳିଲା। ଇଂରେଜ ସରକାର ସୁରକ୍ଷା ଦେବା ଆଳରେ କଟକ ନେଇ ବନ୍ଦୀ କରିଥିଲେ। ବକ୍ସି ଯେଉଁ ପାଇକ ବୀରମାନଙ୍କୁ ସାଙ୍ଗରେ ଧରି ଗଜପତିଙ୍କ ପାଖକୁ ଆସିଥିଲେ ସେମାନେ ସ୍ୱତଃ ବିପ୍ଳବ ପାଇଁ ମାନସିକ ସ୍ତରରେ ପ୍ରସ୍ତୁତ ହୋଇସାରିଥିଲେ। ୧୮୧୭ରେ ରାତାରାତି ତାଙ୍କୁ ପ୍ରସ୍ତୁତ କରାଯାଇ ନଥିଲା। ଏହି ପ୍ରସ୍ତୁତି ବହୁ ପୂର୍ବର, ଅର୍ଥାତ୍ ରାଜଗୁରୁ ୧୮୦୬ ମସିହାରେ ଫାଶୀ ପାଇବା ପରଠାରୁ ଏହି ପ୍ରସ୍ତୁତି ସେମାନେ ଆରମ୍ଭ କରିଥିଲେ। ଏହା ହେଉଛି ପାଇକ ବିଦ୍ରୋହ ଉପରେ ୧୮୦୪ ମସିହା ଯୁଦ୍ଧର ପଞ୍ଚମ ପ୍ରଭାବ।

୧୮୦୪ ମସିହାରେ ଜୟୀ ରାଜଗୁରୁଙ୍କ ନେତୃତ୍ୱରେ ହୋଇଥିବା ଯୁଦ୍ଧବେଳେ ଗଜପତି ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ସମ୍ପୃକ୍ତ ଥିଲେ। ଜୟୀ ରାଜଗୁରୁଙ୍କ ବିଚାର ବେଳର ବିଡ଼ମ୍ବନା ବିଷୟରେ ସେ ଅବଗତ ଥିଲେ। ନିର୍ମମ ଭାବରେ ବରଗଛରେ ବୀରପୁରୁଷଙ୍କୁ ବଧ କରିବାର ଘନଘଟାକୁ ସେ ଅନୁଭବ କରିଥିଲେ, ତଥାପି କାହିଁକି ୧୮୧୭ ମସିହା ପାଇକ ବିଦ୍ରୋହରୁ ଦୂରେଇ ରହିଲେ ? ବିଦ୍ରୋହର ଅନ୍ତଃସ୍ୱର ତାଙ୍କୁ ଅଛପା ନଥିଲା। ନିର୍ଣ୍ଣାୟକ ଯୁଦ୍ଧବେଳେ ଉଦାସୀନ ବ୍ୟକ୍ତିତ୍ୱ ଥିଲେ ବକ୍ସି ଜଗବନ୍ଧୁ ବିଦ୍ୟାଧର ମହାପାତ୍ର। ସେଥିପାଇଁ ଇତିହାସକାର ଧ୍ରୁବଚରଣ ଜୟସିଂହ ପାଇକରାୟ 'ଊନବିଂଶ ଶତାବ୍ଦୀର ବିସ୍ମୃତ ଅମର ଶହୀଦ ଜୟୀ ରାଜଗୁରୁ' ଶୀର୍ଷକ ପ୍ରବନ୍ଧରେ ଏକ ଗୁରୁତ୍ୱପୂର୍ଣ୍ଣ 'ଉପ-ଶୀର୍ଷକ' ରଖିଛନ୍ତି। ତାହା ହେଲା- ଖୋର୍ଦ୍ଧା ପାଇକ ବିଦ୍ରୋହର ପଥପ୍ରଦର୍ଶକ ଓ ଖୋର୍ଦ୍ଧା ରାଜବିଦ୍ରୋହର ସୂତ୍ରଧର ଜୟୀ ରାଜଗୁରୁ। ସେଇ ଉପ-ଶୀର୍ଷକରେ ପ୍ରଥମରୁ ସେ ଜୀ.ଟୟନବୀଙ୍କର 'ଏ.ସ୍କେଚ୍ ଅଫ ଦି ହିଷ୍ଟ୍ରୀ ଅଫ ଓରିସା' (୧୮୦୩-୧୮୨୩) ରେ ଲିଖିତ ମତକୁ ଉଦ୍ଧାର କରିଛନ୍ତି। ସେ ମତଟି ହେଉଛି- ପାଇକ ବିଦ୍ରୋହର ପଥପ୍ରଦର୍ଶକ ଜୟୀ ରାଜଗୁରୁ ବକ୍ସିଙ୍କ ବହୁ ପୂର୍ବରୁ ଓଡ଼ିଶାର ସାମନ୍ତ ରାଜାମାନଙ୍କୁ ଯୁଦ୍ଧ କରିବା ନିମନ୍ତେ ଏବଂ ଇଂରେଜମାନଙ୍କୁ ଓଡ଼ିଶା ରାଇଜରୁ ବିତାଡ଼ିତ କରିବା ପାଇଁ ସଙ୍ଗଠିତ କରି ଖୋର୍ଦ୍ଧା ପାଇକମାନଙ୍କୁ ପ୍ରୋତ୍ସାହିତ କରିଥିଲେ, ତେଣୁ ପାଇକ ବିଦ୍ରୋହ ବାସ୍ତବରେ ୧୮୦୪ ମସିହାରୁ ଆରମ୍ଭ ହୋଇଥିଲା ବୋଲି ଗ୍ରହଣ କରିବାରେ ଐତିହାସିକ ବିଭ୍ରାନ୍ତି ହେବ ନାହିଁ। ଏହା ହେଉଛି ପାଇକ ବିଦ୍ରୋହ ଉପରେ ୧୮୦୪ ମସିହା ଯୁଦ୍ଧର ଷଷ୍ଠ ପ୍ରଭାବ।



କିଲା ବୟାଳିଶିବାଟିରେ ପୋଖରୀର ରୂପ ନେଇଥିବା ପଥରବୁହା ନଦୀ।

ସପ୍ତମ ପ୍ରଭାବ ବିଚାର କରିବା ପୂର୍ବରୁ ଆମକୁ ସଚେତନ ହେବାକୁ ପଡ଼ିବ ଯେ ୧୮୦୪ ମସିହା ଯୁଦ୍ଧ ମୁଦ୍ରାର ଗୋଟିଏ ପାର୍ଶ୍ୱ ହେଲେ ୧୮୧୭ ପରର ସମସ୍ତ ବିଦ୍ରୋହ ଓ ଯୁଦ୍ଧ ମୁଦ୍ରାର ଅନ୍ୟ ପାର୍ଶ୍ୱ। ଓଡ଼ିଶାରେ ନିରବଚ୍ଛିନ୍ନ ଭାବରେ ସଂଗ୍ରାମ ଗତି କରି ଚାଲିଥିଲା। ସେତିକି ନିଷ୍ଠା, ତ୍ୟାଗ ଓ ଦେଶାତ୍ମବୋଧ ନ ଥିଲେ ଯୁଦ୍ଧର ଭିତ୍ତିଭୂମି ସୁଦୃଢ଼ ହୋଇ ନଥାନ୍ତା। ତିଳେମାତ୍ର ସ୍ୱାର୍ଥ ଉଙ୍କି ମାରିଥିଲେ ନିଷ୍ଠା କଳୁଷିତ ହୋଇ ଯାଇଥାନ୍ତା। ଫିରିଙ୍ଗି ସରକାର ରାଜଗୁରୁଙ୍କୁ ଲୋଭ ଦେଖାଇ ନଥିଲେ, ତାହା ନୁହଁ। ରାଜଗୁରୁ ତାର ଦୃଢ଼ ଜବାବ ବି ଦେବାରେ ହେଳା କରି ନଥିଲେ। ବିପ୍ର ମଧୁସୂଦନ ବଡ଼ ସୁନ୍ଦର ଭାବରେ ଏହି ଘଟଣାକୁ ଲେଖିଛନ୍ତି-

ମିଳି ମିଳି କହେ ରାଜଗୁରୁଙ୍କୁ ବୁଝାଇ<br>
କଟକ ଚଉରାସି ଲେଖିଦେବା ପାଇଁ<br>
ଦୁଇଖଣ୍ଡି ପରଗନା ତୁମ୍ଭେ ଯେ ପାଇବ<br>
ସମଗ୍ର ପୃଥିବୀ ଆମ୍ଭଙ୍କୁ ଲେଖିଦେବ॥

ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଥିଲେ ରାଜଗୁରୁ। ରାଜଗୁରୁଙ୍କ ନିଷ୍ପତ୍ତି କବି ମଧ୍ୟ ଉଲ୍ଲେଖ କରିଛନ୍ତି –

ଶୁଣିଣ ନାସ୍ତିବାକ୍ୟ ଗଲେ ଜୟମୁନି<br>
ଆପଣା ଇଚ୍ଛାରେ ଭୋଗ କର ଯେ ମେଦିନୀ।<br>
ଚାରି ପରଗଣା ଆମ୍ଭେ ଅବଶ୍ୟ ପାଇବୁ<br>
ଭଲେ ନ ଛାଡ଼ିଲେ ନିଶ୍ଚେ ସମରରେ ନେବୁ॥

କବି 'ସମର' ଶବ୍ଦ ପ୍ରୟୋଗ କରିଛନ୍ତି, ବିଦ୍ରୋହ ଶବ୍ଦ ନୁହେଁ। ତେଣୁ ସମର ପାଇଁ ରାଜଗୁରୁ କେବଳ ସାମନ୍ତ ରାଜାମାନଙ୍କୁ ସଙ୍ଗଠିତ କରିଥିଲେ ତାହା ନୁହେଁ, ସାମନ୍ତ ରାଜାଙ୍କ ଅଧୀନରେ ନଥିବା ଗଡ଼ଗୁଡ଼ିକୁ ନିଜେ ଯାଇ 'ଓଡ଼ିଶା ରାଇଜ ଛାଡ଼' ଡାକରାରେ ସାମିଲ କରାଇଥିଲେ। କୋଣାର୍କ ଅଂଚଳରେ ରହିଥିବା ୧୬ ପ୍ରାଚୀନ ଗଡ଼କୁ ଅନୁସନ୍ଧାନ ପାଇଁ ଆମେ ଏବେ ଯିବା ପରେ ବହୁ ନଥିପତ୍ର ମିଳୁଛି। ପ୍ରତ୍ୟେକ ଗଡ଼ ସହିତ ସିଧାସଳଖ ସମ୍ପର୍କ ରଖିଥିଲେ ରାଜଗୁରୁ। ଗଡ଼ରୂପାସ ଓ କିଲ୍ଲା ବୟାଳିଶିବାଟି ତାର ଗୋଟିଏ ଗୋଟିଏ ଉଦାହରଣ।





ଗଡ଼ରୂପାସର ମା' କନକଦୁର୍ଗା ଓ ତାଙ୍କ ମନ୍ଦିର।

